## ସଂକ୍ଷେପରେ

### ପ୍ରାଦେଶିକ ମେଧା ପରୀକ୍ଷାରେ ଆୟୁଷିଙ୍କ କୃତିତ୍ୱ

ନାକଟିଦେଉଳ,୧୧।୫(ଡ଼ି.ଏନ.ଏ.): ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ



ପ୍ରାଦେଶିକ ମେଧା ପରୀକ୍ଷାରେ ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଆୟୁଷି ପ୍ରଧାନ କୃତିତ୍ୱ ଅର୍ଜନ କରିଛନ୍ତି। ଆୟୁଷି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସମଗ୍ର ରାଜ୍ୟରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ମୋଟ ୨୦୦ ମାର୍କରୁ ଆୟୁଷି ୧୬୦ ଅର୍ଥାତ୍ ୮୦ପ୍ରତିଶତ ନମ୍ବର ରଖିଛନ୍ତି। ନାକଟିଦେଉଳ ବ୍ଲକ ରେଙ୍ଗାଳି ପଞ୍ଚୁ ଗ୍ରାମ ତଥା ରେଢ଼ାଖୋଲ କେନ୍ଦୁପତ୍ର ଡ଼ିଭିଜନରେ କାର୍ଯ୍ୟରତ ବଳରାମ ପ୍ରଧାନ ଏବଂ ନାକଟିଦେଉଳ ଥାନାରେ କାର୍ଯ୍ୟରତ ମହିଳା ପୋଲିସ କର୍ମଚାରୀ ଅନୀତା ବିଶ୍ୱାଳଙ୍କ ଜ୍ୟେଷ୍ଠ କନ୍ୟା ହେଉଛନ୍ତି ଆୟୁଷି। ଏହି କୃତିତ୍ୱ ପାଇଁ ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବ୍ୟବସାୟୀଙ୍କଠାରୁ ଲୁଟିନେଲେ ୩ଲକ୍ଷ

ଟିଟିଲାଗଡ଼,୧୧।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଜଣେ ଔଷଧ ଦୋକାନୀଙ୍କଠାରୁ ଗୁରୁବାର ୩ଲକ୍ଷ ଟଙ୍କା ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଦୋକାନୀ ନବନୀତ ଜୈନ ସକାଳୁ ତାଙ୍କ ଘରୁ ଏକ ବ୍ୟାଗରେ ଟଙ୍କା ଧରି ମାଉସୀ ମନ୍ଦିର ଛକସ୍ଥିତ ଦୋକାନକୁ ବାହାରିଥିଲେ। ପୁରୁଣା ବ୍ୟାଙ୍କ ଛକ ନିକଟରେ ଥିବା ଗଣେଶ ମନ୍ଦିର ସମ୍ମୁଖରେ ଅଟକି ପାହଚରେ ଉକ୍ତ ବ୍ୟାଗ ରଖି ମୁଣ୍ଡିଆ ମାରିଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ଉକ୍ତ ବ୍ୟାଗଟିକୁ ଧରି ଆଖି ପିଛୁଳାକେ ସେଠାରୁ ଚମ୍ପଟ ମାରିଥିଲେ। ନବନୀତଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଟିଟିଲାଗଡ ଥାନା ଆଇଆଇସି ରଞ୍ଜନ ବରିହା କହିଛନ୍ତି।

# ଷ୍ଟ୍ରଙ୍ଗ ରୁମ୍‌ରେ ଇଭିଏମ୍, ତ୍ରିସ୍ତରୀୟ ସୁରକ୍ଷା

ସମ୍ବଲପୁର,୧୧।୫(ବ୍ୟୁରୋ)

ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇ ଇଭିଏମ୍‌ରେ ପ୍ରାର୍ଥୀମାନଙ୍କ ଭାଗ୍ୟ ବନ୍ଦ ରହିଛି। ୧୦ରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଇଭିଏମ୍‌କୁ କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି। ଜିଲାପାଳ ଅବୋଲି ସୁନିଲ ନର୍ଭଣେ, ଏସ୍‌ପି ପରମାର ସ୍ମିଥ୍ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଏସ୍‌ପି ସ୍ମିଥ୍ କହିଛନ୍ତି, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ସିସିଟିଭି ଲାଗିଛି। ପ୍ରଥମ ସ୍ତରରେ କେନ୍ଦ୍ରୀୟ ସୁରକ୍ଷା ବଳ ସହ ଅନ୍ୟ ଦୁଇ ସ୍ତରରେ ୨୪ଘଣ୍ଟିଆ ରାଜ୍ୟ ପୋଲିସ ମୁତୟନ ରହିଛନ୍ତି। କୌଣସି ବ୍ୟକ୍ତିଙ୍କୁ ଷ୍ଟ୍ରଙ୍ଗ ରୁମ୍ ପାଖକୁ ଆସିବାକୁ



ଝାରସୁଗୁଡା ଷ୍ଟ୍ରଙ୍ଗରୁମ୍‌ରେ ଜିଲାପାଳ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ଦିଆଯିବ ନାହିଁ। ସମସ୍ତ ଗତିବିଧି ସିସିଟିଭି କ୍ୟାମେରାରେ କଏଦ ହୋଇ ରହୁଛି ବୋଲି ସେ କହିଥିଲେ। ଜିଲାପାଳ ନର୍ଭଣେ କହିଥିଲେ, ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ ରୁମରେ ଇଭିଏମ୍ ସିଲ୍ କରି ଦିଆଯାଇଛି। ପୂର୍ବ ଯୋଜନା ମୁତାବକ ଷ୍ଟ୍ରଙ୍ଗରୁମକୁ

### ସକାଳ ୮ଟାରୁ ହୋଇପାରେ ଗଣତି

ରାତିରେ ସମସ୍ତ ୨୫୩ ବୁଥ୍‌ରୁ ଇଭିଏମ୍ ଆଣାଯାଇଥିଲା। ମେ ୧୩ରେ ଭୋଟ ଗଣତି ହେବ। ସକାଳ ୮ଟାରୁ ଗଣତି ଆରମ୍ଭ କରିବାକୁ ଯୋଜନା ରହିଛି। ଏଥିପାଇଁ ତାଲିମ କାର୍ଯ୍ୟ ଶେଷ ହୋଇଛି। ୧୪ଟି ଟେବୁଲରେ ଗଣତି କରିବାକୁ ସ୍ଥିର କରାଯାଇଛି। ଏହିସମୟରେ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟମାନେ ଉପସ୍ଥିତ ରହିବେ। ଗଣତିସମୟରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ। ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଜନମତ ସେମାନଙ୍କ ସପକ୍ଷରେ ଥିବା ନେଇ ଦୃଢୋକ୍ତି ପ୍ରକାଶ କରୁଛନ୍ତି।

# ଓରିଏଣ୍ଟ ପେପର ମିଲରେ ଅଗ୍ନିକାଣ୍ଡ



ନିଆଁଲାଗି ରଦି ପେପର ଜଳିଯାଇଛି।

ବ୍ରଜରାଜନଗର,୧୧।୫ (ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳର ସର୍ବପୁରାତନ ଓରିଏଣ୍ଟ ପେପର ମିଲରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ପେପର ମିଲ ଗୋଦାମରେ ଥିବା ରଦି ପେପରରେ ନିଆଁ ଲାଗିଥିଲା। ମହାନଦୀ କୋଲ ଇଣ୍ଡିଆ ସୁରକ୍ଷା ଅଧିକାରୀ ଅଶୋକ ଗଡ଼ନାୟକ ଦମକଳ ସହ ଘଟଣାସ୍ଥଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଝାରସୁଗୁଡାରୁ ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କେହିଜଣେ ନିଆଁ ଲଗାଇ ଦେଇଥିବା ପେପର ମିଲ ସୁରକ୍ଷା ଅଧିକାରୀ ଗୌତମ ତ୍ରିପାଠୀ କହିଛନ୍ତି।

# ସମ୍ବଲପୁରୀ ଭାଷାରେ ରଚିତ ଆମର ଶ୍ରୀମଦ୍ ଭାଗବତ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୧୧।୫(ବ୍ୟୁରୋ)

ସମ୍ବଲପୁରୀ ଭାଷାରେ ରଚିତ ଶ୍ରୀମଦ୍ ଭାଗବତର କାବ୍ୟାନ୍ତରିତ ମର୍ମାନୁବାଦ ପୁସ୍ତକ ଆମର ଶ୍ରୀମଦ୍ ଭାଗବତ ଗୁରୁବାର ଉନ୍ମୋଚିତ ହୋଇଛି। ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଗୋପୀନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଏଥିରେ ଖବରଦାତା ତଥା ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଜିଲା ବରିଷ୍ଠ ନାଗରିକ ସମାଜର ଅର୍ଜୁନ ରଞ୍ଜନ ପଣ୍ଡା କବିଙ୍କ କାବ୍ୟକୃତି ଉପରେ ବିଶଦ ଆଲୋଚନା କରିଥିଲେ। ପୁସ୍ତକର ଲେଖକ ଡାକ ଓ ତାର ବିଭାଗର ଅବସରପ୍ରାପ୍ତ କର୍ମଚାରୀ କୃପାସିନ୍ଧୁ ପଣ୍ଡା ଲେଖକୀୟ ସମ୍ଭାଷଣ ପ୍ରଦାନ କରିଥିଲେ। ଶେଷରେ ସମାଜର ସମ୍ପାଦକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡୁମେସିଙ୍ଗାରେ ହରିହର ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୧।୫(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଡୁମେସିଙ୍ଗା ହରିହର ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ସକାଳେ ଗ୍ରାମବାସୀ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ଅରୁଣ ମିଶ୍ର, ପୁରନ୍ଦର ମିଶ୍ର ଓ ସୁଧାଂଶୁ ଦାଶ ପୂଜାର୍ଚ୍ଚନା କରିଥିଲେ। ସେହିପରି ପ୍ରବୀଣ କୁମାର ପଟ୍ଟନାୟକ, ଆରତି ପଟ୍ଟନାୟକ, ପ୍ରକାଶ କଟୱାଲ, ନଳିନୀ କଟୱାଲ, ପାର୍ଥ ଏସ ଦାଶ, ରଞ୍ଜିତା ଦାଶ, ସୁବଳ ଭୋଇ ଓ ସଂଯୁକ୍ତା ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାର ଉତ୍ସବ ସମାପନ ହେବ। କଳସ ଯାତ୍ରାରେ ଘଣ୍ଟ, ଶଙ୍ଖ, କୀର୍ତ୍ତନ ଦଳ ସାମିଲ ହୋଇଥିଲେ।


## ODISHA PUBLIC SERVICE COMMISSION
## NOTICE

**No.4206/P.S.C., Dt.11.5.23**
**(1E-69-2022-23) (DR-II)**

**No.D-40:** The Preliminary Written Examination for recruitment to the Post of Odisha Judicial Service, 2022 pursuant to the Advertisement No.19 of 2022-23 will be held as per the following programme:

**Programme of Examination**

| Date | Time |
|---|---|
| 21.05.2023 (Sunday) | 10.00 A.M. to 11.30 A.M. (10.00 A.M. to 12.00 Noon for PWD Candidates) |

| Sl.No. | Name of the Examination Centres and address | Roll Numbers allotted From ......... to .......... | Total Candidates allotted |
|---|---|---|---|
| BALASORE | | | |
| 1 | Srinix College of Engineering, Ranipatana, Balasore | 100001 to 100151 | 151 |
| BERHAMPUR | | | |
| 1 | Saheed Lakshman Nayak Memorial Govt. Municipal High School, Tata Benz Square, P.O./P.S.- Baidyanath-pur, Berhampur- 760004 | 200001 to 200169 | 169 |
| BHUBANESWAR | | | |
| 1 | BJB (AUTO) College, Bhubaneswar | 300001 to 300500 | 500 |
| 2 | Rajdhani College, Baramunda, Bhubaneswar | 300501 to 301000 | 500 |
| 3 | Saraswati Sishu Vidya Mandir, Bhimtangi, Bhubaneswar | 301001 to 301450 | 450 |
| 4 | Aryan School of Nurshing, Nuagaon, Near Nuagaon Petrol Pump, P.S. Dhauli | 301451 to 301700 | 250 |
| CUTTACK | | | |
| 1 | Saraswati Sishu Vidya Mandir, Tulasipur, Cuttack | 400001 to 400480 | 480 |
| 2 | Ajay Binay Institute of Technology (Main Block), Sector-I, CDA, Cuttack- 753014 | 400481 to 401023 | 543 |
| SAMBALPUR | | | |
| 1 | St. John's School, Dhankauda, Sambalpur | 500001 to 500382 | 382 |

The candidates admitted are required to download their "Admission Certificate" and "Instruction to Candidates" from website of the Commission (www.opsc.gov.in.) from 17.05.2023 onwards.

**Sd./- Secretary (I/C)**
**OIPR-12002/11/0028/2324**


# ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ଛାତ୍ରମାନେ।

ପଡିଆବାହାଲ,୧୧।୫(ଡି.ଏନ.ଏ.)

ଜମନକିରା ବ୍ଲକ କୁଲୁଣ୍ଡିସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ୨୮ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଡ଼ ମଞ୍ଜୁଲତା ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଅଧ୍ୟାପକ ଶାନ୍ତନୁ ଶୁକ୍ଳା ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଲେଜରେ ଓ କଲେଜ ବାହାରେ ପ୍ରତିନିଧିତ୍ୱ କରି ଦଳଗତ ଓ ବ୍ୟକ୍ତିଗତ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ପାଣିଗ୍ରାହୀ ଓ ଅଧ୍ୟାପକ ହର୍ଷବର୍ଦ୍ଧନ ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଛାତ୍ରଙ୍କ କ୍ରୀଡା କୌଶଳକୁ ପ୍ରଶଂସା କରି କୁଲୁଣ୍ଡିଠାରେ ଏକ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପାଇଁ ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ସ୍ଥାନୀୟ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, କ୍ରୀଡା ଶିକ୍ଷକ, କଲେଜର ପୁରାତନ ଛାତ୍ର ଉପସ୍ଥିତ ଥିଲେ।

# ତରଭୁଜ ଚାଷ କରି ଚାଷୀ ଲାଭାନ୍ୱିତ

କୁଚିଣ୍ଡା,୧୧।୫(ଡି.ଏନ.ଏ.)

କୁଚିଣ୍ଡା ଇ-ନାମ ମଣ୍ଡି ଅଧୀନରେ କେଶରିବାହାଲ ବ୍ଲକ ଅନ୍ତର୍ଗତ ଉତ୍ତରଗାଁ ଗ୍ରାମର ମିଲାକୁ କୁଜୁରଙ୍କ ଦ୍ୱାରା ଚାଷ କରାଯାଇଥିବା ତରଭୁଜ କି.ଗ୍ରା. ପ୍ରତି ୮ଟଙ୍କା ହିସାବରେ ୩୦ କୁଇଣ୍ଟାଲ ବିକ୍ରି କରି ମୋଟ ୨୪୦୦୦ ଟଙ୍କା ପାଇଛନ୍ତି। ବର୍ତ୍ତମାନ ଚାଲିଥିବା ବଜାର ମୂଲ୍ୟଠାରୁ ଏହା ଅଧିକ ବୋଲି ସୂଚନା ମିଳିଛି। ଉକ୍ତ କୃଷିଜାତ ଦ୍ରବ୍ୟକୁ ଉଦଳା ଇ-ନାମ ମଣ୍ଡିର ବ୍ୟବସାୟୀ ପ୍ରସନ୍ନ ପ୍ରଧାନ କ୍ରୟ କରିଛନ୍ତି। ଉକ୍ତ ଚାଷୀ ଇ-ନାମ ମାଧ୍ୟମରେ ବିକ୍ରି କରି ଅଧିକ ମୂଲ୍ୟ ପାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ଅଞ୍ଚଳର ଚାଷୀମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ କୃଷିଜାତ ଦ୍ରବ୍ୟ ବିକ୍ରି କରି ଲାଭବାନ ହେବା ପାଇଁ ଅନୁରୋଧ କରିଛନ୍ତି। ଘଟଣା ସ୍ଥଳରେ ଉଦଳା ଇ-ନାମ ମଣ୍ଡିର ବିଶ୍ଳେଷକ ବିନିତ କୁମାର ମହାପାତ୍ର, କୁଚିଣ୍ଡା ଇ-ନାମ ମଣ୍ଡିର ବିଶ୍ଳେଷକ ଶିବାଶିଷ ପାତ୍ର ଓ ଉକ୍ତ ମଣ୍ଡିର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି ସରକାରଙ୍କ ସମବାୟ ବିଭାଗ ଦ୍ୱାରା ପରିଚାଳିତ ଏହି ଯୋଜନାରେ ମୋଟ ୬୬ ଗୋଟି ଇ-ନାମ ମଣ୍ଡି ମାଧ୍ୟମରେ ବିକ୍ରିବଟା ହେଉଥିବା ୨୦୯ କୃଷି ଉତ୍ପାଦ ସାମଗ୍ରୀ ମଧ୍ୟରୁ ତରଭୁଜ ଅନ୍ୟତମ। କିଣାବିକା ପ୍ରକ୍ରିୟାକୁ କୁଚିଣ୍ଡା ଇ-ନାମ ମଣ୍ଡି ସମ୍ପାଦକ ମନୋଜ କୁମାର ମହାନ୍ତ ସୁପରିଚାଳନା କରିଥିଲେ। କିଣା ବିକା ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ ହେଉଥିବା ସୂଚନା ମିଳିଛି।

# ଶୀତଳଷଷ୍ଠୀ ଯାତ୍ରା କମିଟି-ପ୍ରଶାସନ ଆଲୋଚନା

ସମ୍ବଲପୁର,୧୧।୫(ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଯେଭଳି ସୁରୁଖୁରୁରେ ହେବ ସେଥିପାଇଁ ଯାତ୍ରା କମିଟି ସହ ପ୍ରଶାସନ ଲାଗି ପଡିଛନ୍ତି। ପ୍ରଶାସନିକ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ମୁଖ୍ୟ ଓ ପୋଲିସ ଅଧିକାରୀ ସହ ଗୁରୁବାର ଝାଡୁଆପଡା, ନନ୍ଦପଡା, ବଡବଜାର ଆଦି ଯାତ୍ରା କମିଟି କର୍ମକର୍ତ୍ତା ଆଲୋଚନା କରିଛନ୍ତି। ବୈଠକରେ ବିବାହ ଉତ୍ସବ ଶୋଭାଯାତ୍ରାର ରୁଟ୍ ସହ ରାସ୍ତାଘାଟ, ପାନୀୟ ଜଳ ସମସ୍ୟା ଉଠିଥିଲା। ସମ୍ବଲପୁର ଉପଜିଲାପାଳ ପ୍ରଭାସ ଡନସନା, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦିପ ସାହୁ, ପୋଲିସ ଏସ୍‌ଡିପିଓ ପ୍ରଦୀପ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ବଡବଜାର ଯାତ୍ରା କମିଟି ସଦସ୍ୟମାନେ



ପ୍ରଶାସନ ଓ ପୋଲିସ ସହ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଆଲୋଚନା।

ଗୁରୁବାର ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଭେଟି ଯାତ୍ରା ସମୟରେ ଆସିବାକୁ ନିମନ୍ତ୍ରଣ କରିବା ସହ ସରକାରୀ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସଦସ୍ୟ ଭବେଶ ଚାନ୍ଦ, ବୁଧଦେବ ପ୍ରଧାନ, ଲିଙ୍ଗରାଜ ପରିଡା, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**Canara Bank** | ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦ | **ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ଯଥାକ୍ରମେ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକୁ ବନ୍ଧକରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ଠାରୁ **କାନାରା ବ୍ୟାଙ୍କର, ସମ୍ପୃକ୍ତ ଶାଖାଗୁଡ଼ିକରେ** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ" ତା.୧୨.୦୬.୨୦୨୩ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ.** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି **ତା.୦୮.୦୬.୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ।

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ଅତାବିରା ଶାଖା, ଫୋନ୍: ୭୬୦୫୦୦୯୧୮୫/** **ଋଣଗ୍ରହୀତା: ଶ୍ରୀ ବିରେନ୍ଦ୍ର ନାରାୟଣ ହୋତା,** ପିତା: ଶ୍ରୀ ଦିଲ୍ଲୀପ କୁମାର ହୋତା, ସା/ପୋ: ଅତାବିରା, ବରଗଡ଼, ଓଡ଼ିଶା - ୭୬୮୦୨୭ | ଶ୍ରୀ ବିରେନ୍ଦ୍ର ନାରାୟଣ ହୋତାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୪୫୦/୧୧୯୦, ପ୍ଲଟ୍ ନଂ.: ୧୦୨୫/୬୬୪୮, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲି, ମୌଜା: ଅତାବିରା, ଥାନା/ତହସିଲ: ଅତାବିରା, ଜିଲ୍ଲା: ବରଗଡ଼, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ପୂର୍ବ: ରାସ୍ତା, ପଶ୍ଚିମ: ସୁଶୀଲ କୁମାର ମିଶ୍ରଙ୍କ ଜମି, ଦକ୍ଷିଣ: ସମାରୁ ପଧାନଙ୍କ ଜମି | ୦୭.୦୫.୨୦୨୩ ସୁଦ୍ଧା ଟ.୧୧,୭୭,୫୦୨.୦୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୫,୯୦,୦୦୦/- / ଟ.୨,୫୯,୦୦୦/- |
| **ବାଲେଶ୍ୱର -୨ ଶାଖା, ଫୋନ୍: ୯୪୩୭୫୭୯୫୩୨/** **ଋଣଗ୍ରହୀତା: ମଧୁସୂଦନ ମଲ୍ଲିକ,** ପିତା: କାର୍ତ୍ତିକ ମଲ୍ଲିକ, ସା: ମାନସିଂବଜାର, ବାଲେଶ୍ୱର, ପିନ୍ - ୭୫୬୦୦୧/ **ଗ୍ୟାରେଣ୍ଟିଦାତା: ବାସନ୍ତି ମଲ୍ଲିକ,** ସ୍ୱାମୀ: ମଧୁସୂଦନ ମଲ୍ଲିକ, ସା: ମାନସିଂବଜାର, ବାଲେଶ୍ୱର, ପିନ୍ - ୭୫୬୦୦୧ | **ଶ୍ରୀ ମଧୁସୂଦନ ମଲ୍ଲିକ,** ପିତା: କାର୍ତ୍ତିକ ମଲ୍ଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୫୫/୧୬୨୨, ଖାତା ନଂ.: ୫୨୫/୯୮, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ମାନସିଂବଜାର, ତହସିଲ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୩୯୨, ପୂର୍ବ: ପ୍ଲଟ୍ ନଂ.: ୩୯୯, ପଶ୍ଚିମ: ପରମାନନ୍ଦ ବେହେରା | ୧୦.୦୫.୨୦୨୩ ସୁଦ୍ଧା ଟ.୩୮,୮୧,୧୭୬.୧୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୪୭,୬୦,୦୦୦/- / ଟ.୪,୭୬,୦୦୦/- |
| **ଢ଼େଙ୍କାନାଳ ଶାଖା, ଫୋନ୍: ୭୬୦୫୦୦୯୧୧୮/** **ଋଣଗ୍ରହୀତା: ସ୍ମିତା ମିଶ୍ର,** ସ୍ୱାମୀ: ସୁନିଲ କୁମାର ପାଢ଼ୀ, ସା: କାଞ୍ଚନ ବଜାର, କୁମ୍ଭାର ସାହି, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧/ **ଗ୍ୟାରେଣ୍ଟିଦାତାମାନେ: ୧) ସୁନିଲ କୁମାର ପାଢ଼ୀ,** ପିତା: ଚୈତନ୍ୟ ଚରଣ ପାଢ଼ୀ, ସା: କାଞ୍ଚନ ବଜାର, ନିଉ କଲୋନୀ, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା - ୭୫୯୦୦୧, **୨) କମଳିନୀ ପାଢ଼ୀ,** ସ୍ୱାମୀ: ଚୈତନ୍ୟ ଚରଣ ପାଢ଼ୀ, ସା: କାଞ୍ଚନ ବଜାର, କୁମ୍ଭାର ସାହି, ପୋ.: ଢ଼େଙ୍କାନାଳ, ଢ଼େଙ୍କାନାଳ, ଓଡ଼ିଶା, ପିନ୍ - ୭୫୯୦୦୧ | ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୮୭/୧୯୦୦, ପ୍ଲଟ୍ ନଂ.: ୧୧୪/୨୪୪୭, ଥାନା ନଂ.: ୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ସାନଷାଠିଏବାଟିଆ, ଜିଲ୍ଲା: ଢ଼େଙ୍କାନାଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକାଶ କୁମାର ବେହେରା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ଅମୂଲ୍ୟ କୁମାର ହୋତା, ଦକ୍ଷିଣ: ବିକାଶ କୁମାର ବେହେରା | ୧୦.୦୫.୨୦୨୩ ସୁଦ୍ଧା ଟ.୫୫,୮୨,୬୧୧.୬୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭୨,୪୫,୦୦୦/- / ଟ.୭,୨୪,୫୦୦/- |
| **ଖୋର୍ଦ୍ଧା ଶାଖା, ଫୋନ୍: ୭୬୦୫୦୦୯୦୮୭/** **ଋଣଗ୍ରହୀତା: ଶ୍ରୀ ବିମଳ ଧଳସାମନ୍ତ,** ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ଜିଲ୍ଲା: କଟକ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମର କୁମାର ଧଳସାମନ୍ତ,** ପିତା: ବିମଳ ଧଳସାମନ୍ତ, ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ଜିଲ୍ଲା: କଟକ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୨୯୫/୨୦୩୦, ପ୍ଲଟ୍ ନଂ.: ୮୭୧୮/୧୦୮୨୯/୧୨୧୦୨, କ୍ଷେତ୍ର: ଏକର୦.୦୨୦ ଡ଼ିସିମିଲି, ସା/ପୋ: ତାଳବସ୍ତ, ଥାନା: ବାଙ୍କୀ, ତହସିଲ: ଡମପଡା, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀ କୃଷ୍ଣ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: କୃପାସିନ୍ଧୁ ବେହେରା, ପଶ୍ଚିମ: କଥିତ ପ୍ଲଟ୍‌ର ଅବଶିଷ୍ଟ ଅଂଶ | ୦୯.୦୫.୨୦୨୩ ସୁଦ୍ଧା ଟ.୧୦,୩୭,୧୬୦.୮୩ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୮,୦୧,୦୦୦/- / ଟ.୮୦,୧୦୦/- |
| **ଖୋର୍ଦ୍ଧା ଶାଖା, ଫୋନ୍: ୭୬୦୫୦୦୯୦୮୭/** **ଋଣଗ୍ରହୀତା: ଶ୍ରୀ ମାନସ ରଞ୍ଜନ ଦାସ,** ପିତା: ଚନ୍ଦ୍ର ମୋହନ ଦାସ, ସା: ଗଡ଼ଖୋର୍ଦ୍ଧା, ପୋ.: ପଲ୍ଲାହାଟ, ଭାୟା:ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା - ୭୫୨୦୫୬ | **ଶ୍ରୀ ମାନସ ରଞ୍ଜନ ଦାସ,** ପିତା: ଚନ୍ଦ୍ର ମୋହନ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୭୨/୯୮୫, ଖାତା ନଂ.:୨୦୦/୨୩୦, ମୌଜା: ବେରୁଆଁ, ତହସିଲ: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୩୧, ପଦ୍ମ ଚରଣ ପରିଡ଼ା, ଦକ୍ଷିଣ: ପ୍ଲଟ୍ ନଂ.: ୬୭୫,ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୩୩ | ୦୯.୦୫.୨୦୨୩ ସୁଦ୍ଧା ଟ.୧୨,୩୧,୭୦୪.୨୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୬,୦୭,୦୦୦/- / ଟ.୬୦,୭୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ସାମଲ / ସହ-ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାମଲ,** ଉଭୟଙ୍କ ଠିକଣା ସା/ପୋ: ବିଶ୍ୱାଳି, ଭାୟା: କୁଜଙ୍ଗ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତା: ବଳରାମ ଚୌଧୁରୀ,** ସା/ପୋ: ଭୂତମୁଣ୍ଡାଇ, ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | **ଶ୍ରୀ ବିଶ୍ୱମ୍ଭର ସାମଲ ଏବଂ ଶ୍ରୀ ସୁରେନ୍ଦ୍ର ସାମଲଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୧୦/୯୩, ପ୍ଲଟ୍ ନଂ.: ୨୭୯/୧୦୨୪ (କ୍ଷେତ୍ର: ଏକର୦.୦୬ ଡ଼ିସିମିଲି), ୨୮୦ ( କ୍ଷେତ୍ର: ଏକର୦.୦୪ ଡ଼ିସିମିଲି), ୨୮୧ (କ୍ଷେତ୍ର: ଏକର୦.୦୫ ଡ଼ିସିମିଲି), କିସମ: ଘରବାରୀ, ମୌଜା: ବିଶ୍ୱାଳି, ତହସିଲ: କୁଜଙ୍ଗ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍ - ୭୫୪୧୪୧, ଓଡ଼ିଶା, **ପ୍ଲଟ୍ ନଂ.: ୨୭୯ର ଚାରିପାର୍ଶ୍ୱରେ** ଉତ୍ତର: କରୁଣୀ ବେହେରା, ଦକ୍ଷିଣ: ପ୍ରମୋଦ ସାମଲ, ପୂର୍ବ: ପ୍ରତିପକ୍ଷମାନେ, ପଶ୍ଚିମ: ଫକିର ସାହୁ, **ପ୍ଲଟ୍ ନଂ.: ୨୮୦ର ଚାରିପାର୍ଶ୍ୱରେ** ଉତ୍ତର: ପ୍ରତିପକ୍ଷମାନେ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ପ୍ରଭାକର ମାଝୀ, ପଶ୍ଚିମ: ପ୍ରମୋଦ ସାମଲ, **ପ୍ଲଟ୍ ନଂ.: ୨୮୧ର ଚାରିପାର୍ଶ୍ୱରେ** ଉତ୍ତର: ପ୍ରତିପକ୍ଷମାନେ, ଦକ୍ଷିଣ: ପ୍ରତିପକ୍ଷମାନେ, ପୂର୍ବ: ପ୍ରଭାକର ମାଝୀ, ପଶ୍ଚିମ: ପ୍ରତିପକ୍ଷମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୧୧,୩୨,୭୩୬/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୯,୦୨,୦୦୦/- / ଟ.୧,୯୧,୦୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ପ୍ରଭାତ ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତାମାନେ: ୧) ଅଜୟ ଭୋଳ,** ପିତା: ୰ ବାବନ ଭୋଳ, ସା: ବଡଙ୍ଗ, ପୋ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧, **୨) ପ୍ରକାଶ ଚନ୍ଦ୍ର ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧, **୩) ପ୍ରତାପ ରୁଦ୍ର ବେହେରା,** ପିତା: ୰ ଫଗୁ ଚନ୍ଦ୍ର ବେହେରା, ସା/ପୋ: ଗୋପିଆକୁଦା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | **ପ୍ରଭାତ ବେହେରା, ପ୍ରକାଶ ଚନ୍ଦ୍ର ବେହେରା ଏବଂ ପ୍ରତାପ ରୁଦ୍ର ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଖାତା ନଂ.: ୭୦୦/୫୭, ପ୍ଲଟ୍ ନଂ.: ୭୭୦, ମୌଜା: ଗୋପିଆକୁଦା, ତହସିଲ: କୁଜଙ୍ଗ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଜ୍ରମହାକାଳୀ, ଦକ୍ଷିଣ: ରଘୁନାଥ ଜିଉ ହାଇ ସ୍କୁଲ, ପଶ୍ଚିମ: କ୍ରେତାମାନେ, ପୂର୍ବ: ଲକ୍ଷ୍ମୀଧର ଓଝା ଏବଂ ଅନ୍ୟମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୧୯,୩୧,୧୧୯.୮୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୨୦,୦୦୦/- / ଟ.୭୨,୦୦୦/- |
| **ପାରାଦୀପ ଟାଉନ୍ ଶାଖା, ଫୋନ୍: ୯୪୩୭୪୬୩୪୩୩/** **ଋଣଗ୍ରହୀତା/ବନ୍ଧକଦାତା: ମାନସ ରଞ୍ଜନ ଲେଙ୍କା,** ପିତା: ଧଡ଼ି ଲେଙ୍କା,ସା: ସନ୍ତରା, ପୋ: ମଙ୍ଗରାଜପୁର, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର,ଓଡ଼ିଶା, ପିନ୍ - ୭୫୪୧୪୧ / **ଗ୍ୟାରେଣ୍ଟିଦାତା: ସଞ୍ଜୟ କୁମାର ରାଉତ,** ପିତା: ଦାଶରଥି ରାଉତ, ସା: ସନ୍ତରା, ପୋ: ମଙ୍ଗରାଜପୁର,ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, ପିନ୍ - ୭୫୪୧୪୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୪୯,ଖାତା ନଂ.: ୩୫୫/୯୦, ମୌଜା: ସନ୍ତରା, ତହସିଲ: କୁଜଙ୍ଗ,ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, କ୍ଷେତ୍ର: ଏକର୦.୧୧୦ ଡ଼ିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପହଲି ସ୍ୱାଇଁ, ଦକ୍ଷିଣ: ରାସ୍ତା, ପଶ୍ଚିମ: ହାଡ଼ିବନ୍ଧୁ ଲେଙ୍କା, ୨୪୯ ପ୍ଲଟ୍‌ର ଅବଶିଷ୍ଟ, ପୂର୍ବ: ଅଜୟ କୁମାର ସାମନ୍ତରାୟ ଏବଂ ଅନ୍ୟମାନେ | ୦୮.୦୫.୨୦୨୩ ସୁଦ୍ଧା ଟ.୮୬,୪୧,୨୪୦.୭୭ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ (www.canarabank.com) ରେ ପ୍ରଦତ୍ତ ଲିଙ୍କ୍ "Announcements> Sale Notice>Orissa" କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୧୧.୦୫.୨୦୨୩** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ୨୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ରେଞ୍ଜ ଅଧୀନ ଭୁଷଲାଡ ଗାଁରୁ ଅବକାରୀ ବିଭାଗ ଗୁରୁବାର ୨୪କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ରଖିବା ଅଭିଯୋଗରେ ପାଇ ମନୋରଞ୍ଜନ ଯୋଶୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ହେଲେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଏକ ମାମଲା(୮/୨୩-୨୩) ରୁଜୁ କରାଯାଇଛି। ଏହି ଚଢ଼ାଉରେ କଣ୍ଟାବାଞ୍ଜି ରେଞ୍ଜ ଅଧିକାରୀଙ୍କ ସହ ଟିଟିଲାଗଡ, ବଙ୍ଗୋମୁଣ୍ଡା ଅବକାରୀ ଥାନା ମିଳିତଭାବେ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶିଶୁ ମୃତ

ଭବାନୀପାଟଣା,୧୧।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଚମ୍ପାଚୁଆ ଗାଁରେ ଏକ ବାହାଘର ଭୋଜିରେ ବ୍ୟବହୃତ ବିଦ୍ୟୁତ୍ ଚାଳିତ ପଙ୍ଖା ସଂସ୍ପର୍ଶରେ ଆସି ଗାଁର ଜଣେ ଶିଶୁର ମୃତ୍ୟୁ ଘଟିଛି। ସୂଚନା ମୁତାବକ, ବୁଧବାର ଅପରାହ୍ନରେ ଗ୍ରାମର ଇନ୍ଦ୍ର ନାଏକଙ୍କ ୫ ବର୍ଷର ଶିଶୁପୁତ୍ର ମାହି ଉକ୍ତ ଭୋଜିରେ ଚାଲୁଥିବା ପଙ୍ଖା ସଂସ୍ପର୍ଶରେ ଆସିଥିଲା। ପରେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଥୁଆମୂଳ ରାମପୁର ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହୋଇଥିବା ଜଣାପଡିଛି।

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ଜୁନାଗଡ଼,୧୧।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଜାରିଙ୍ଗ ବନଜାରି ମନ୍ଦିର ନିକଟରେ ଗୁରୁବାର ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ପରେ ପୋଲିସ ଉପସ୍ଥିତିରେ ଜୁନାଗଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ସ୍ଥାନୀୟ ଶବ ଗୃହରେ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ମଧ୍ୟ ମୃତ ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ। ଏ ନେଇ ଜୁନାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ ହୋଇଛି।

### ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରେ ଜଳ ସେବା ଶିବିର



କୋକସରା,୧୧।୫(ଡି.ଏନ.ଏ.): କଳାହାଣ୍ଡି ଜିଲାରେ ଗତ କିଛି ଦିନ ହେବ ପାରଦ ୪୩ରେ ପହଞ୍ଚିଲାଣି। ଏହି ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତସ୍ଥିତ ଡ଼ଙ୍ଗରୀଗୁଡା ସରକାରୀ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କଳାହାଣ୍ଡି ପକ୍ଷରୁ ଜଳ ସେବା ଶିବିର ଆରମ୍ଭ କରି ପଥଚାରୀମାନଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ଜଳ ସେବା ଶିବିରରେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ସ୍କାଉଟସ୍ ଶିକ୍ଷକ ଧୀରେନ୍ଦ୍ର କୁମାର ପଣ୍ଡା ଓ ସ୍କାଉଟସ୍ ଛାତ୍ରମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ଏଭଳି ପ୍ରୟାସକୁ ରାସ୍ତାରେ ଯାଉଥିବା ପଥଚାରୀମାନେ ଓ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ବର୍ଷକରେ ୨ ଅଧିକାରୀଙ୍କ ବଦଳି ନେଇ ଅସନ୍ତୋଷ



କର୍ଲାମୁଣ୍ଡା,୧୧।୫(ଡି.ଏନ.ଏ.): କଳାହାଣ୍ଡି ଜିଲା କାର୍ଲମୁଣ୍ଡା ବ୍ଲକ କୃଷି ବିଭାଗରେ ବର୍ଷକ ମଧ୍ୟରେ ଦୁଇ ଅଧିକାରୀଙ୍କୁ ବଦଳି କରାଯିବା ଘଟଣା କୃଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ବ୍ଲକର ୧୨ଟି ପଞ୍ଚାୟତର କୃଷକମାନଙ୍କୁ ଚାଷ ସମ୍ପର୍କରେ ଠିକ ଜ୍ଞାନକୌଶଳ ପ୍ରଦାନ ନିମନ୍ତେ ବ୍ଲକ କୃଷି ବିଭାଗ ରହିଥିଲେ ହେଁ ବ୍ଲକ କୃଷି ଅଧିକାରୀମାନଙ୍କୁ ବାରମ୍ୱାର ବଦଳି କରାଯାଉଥିବାରୁ ବ୍ଲକ କୃଷି ବିଭାଗ ଏକ ପ୍ରକାର ମୁରବି ଶୂନ୍ୟ ହୋଇପଡିଛି। ଏହି ବ୍ଲକରେ ଗତ ୮।୯।୨୨ରେ ଏଏଓ ବାସୁଦେବ ଶତପଥୀଙ୍କୁ ବଦଳି କରାଯିବା ପରେ ଏହି ପଦବୀ ଖାଲି ରହିଥିଲା। ଏହା ପରେ ପୁଣି ଥରେ ଗତ ତାରିଖ୧୦।୨।୨୦୨୩ରେ ଜିତେନ୍ଦ୍ର ମୁର୍ମୁଙ୍କୁ ଏଏଓ ପଦବୀରେ ନିଯୁକ୍ତି କରାଯାଇ ୨୦/୪/୨୦୨୩ରେ ଜିତେନ୍ଦ୍ର ମୁର୍ମୁଙ୍କୁ ବଦଳି ହୋଇଯିବା ପରେ କର୍ଲାମୁଣ୍ଡା କୃଷି ବିଭାଗ ଏକ ପ୍ରକାର ମୁରବୀ ବିହୀନ ହୋଇପଡିଛି। ଅନ୍ୟପଟେ ୧୨ଟି ପଞ୍ଚାୟତରେ ମାତ୍ର ୬ଜଣ ଗ୍ରାମ୍ୟକୃଷି କର୍ମୀ ଥିବାରୁ ସମସ୍ତ ଚାଷୀଙ୍କ ନିକଟରେ ବିଭାଗ ଠିକ ଭାବେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ପିପିପି ମୋଡ୍‌ରେ ଚାଲିବ ଜାରିଙ୍ଗ ଛେଳି ଫାର୍ମ

ଭବାନୀପାଟଣା,୧୧।୫(ଡି.ଏନ.ଏ.)



ଜାରିଙ୍ଗଠାରେ ଥିବା ଛେଳି ଫାର୍ମ।

- ୨ଜଣ ଅସ୍ଥାୟୀ କର୍ମଚାରୀ ରହିଛନ୍ତି
- ପରିଚାଳକ ପଦବୀ ଦୀର୍ଘ ବର୍ଷ ହେବ ଖାଲିପଡିଛି
- ୪ଶହ ବଦଳରେ ଏବେ ରହିଛି ପ୍ରାୟ ୬୦ ଛେଳି

କଳାହାଣ୍ଡି ପ୍ରାଣୀଧନ ବିଭାଗ ଅଧୀନ ଜୁନାଗଡ ବ୍ଲକ ଜାରିଙ୍ଗ ଛେଳି ଫାର୍ମ ଏଣିକି ସରକାରୀ ଓ ଘରୋଇ ଉଦ୍ୟୋଗୀଙ୍କ (ପିପିପି) ମିଳିତ ଉଦ୍ୟମରେ ଚାଲିବ। ଏଥିପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଚୁଡାନ୍ତ ରିର୍ପୋଟ ପଠାଯାଇଛି। ଜାରିଙ୍ଗରେ ଥିବା ଭିତ୍ତିଭୂମିକୁ ଛେଳି ଫାର୍ମ ପାଇଁ ବାର୍ଷିକ ଭଡାରେ ଦେବାକୁ ଥିବାବେଳେ ଛେଳିଗୁଡିକୁ ନିଲାମ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। କଳା ବେଙ୍ଗଲ ବା ବ୍ଲାକ ବେଙ୍ଗଲ ପ୍ରଜାତି ସମେତ ଉନ୍ନତମାନର ବିରଳ ପ୍ରଜାତିର ଛେଳି ପ୍ରଜନନ ସହିତ ଉଚିତ ମୂଲ୍ୟରେ ଚାଷୀଙ୍କୁ ଛେଳି ଯୋଗାଯିବା ଉଦ୍ଦେଶ୍ୟରେ ଜୁନାଗଡ ବ୍ଲକ ଜାରିଙ୍ଗରେ ପ୍ରାୟ ୨୦୦୮–୦୯ମସିହାରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଏହି ଫାର୍ମ ଆରମ୍ଭ ହୋଇଥିଲା। ପ୍ରାୟ ୨୦୧୪ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ହେଲେ ଏବେ ତାହା ବନ୍ଦ ହେବାକୁ ବସିଲାଣି। ଏଠାରେ ବିଭିନ୍ନ ବିରଳ ପ୍ରଜାତିର ପ୍ରାୟ ୪ଶହ ଛେଳି ରଖାଯାଇ ପ୍ରଜନନ କରିବାକୁ ଲକ୍ଷ୍ୟ ଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ବିଲୁପ୍ତ ପ୍ରଜାତିର ଛେଳିଙ୍କ ବଂଶ ବୃଦ୍ଧି ଦୃଷ୍ଟିରେ ରଖି ଜାରିଙ୍ଗ ସମେତ ରାଜ୍ୟର ଅନ୍ୟ ସ୍ଥାନରେ ୫ଟି ସ୍ଥାନରେ ଛେଳି ଫାର୍ମ ପ୍ରତିଷ୍ଠା କରାଯାଇଥିଲା। ହେଲେ ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଆନୁଷାଙ୍ଗିକ ସମସ୍ୟା ଯୋଗୁ ଜାରିଙ୍ଗ ଛେଳି ଫାର୍ମ ବନ୍ଦ ହେବାକୁ ବସିଲାଣି।

ମିଳିଥିବା ତଥ୍ୟ ଅନୁଯାୟୀ ଏଠାରେ ୪ ଶହ ଛେଳି ବଦଳରେ ଏବେ ପ୍ରାୟ ରହିଛି ୬୦ ଛେଳି। ଛେଳିଙ୍କ ଲାଳନ ପାଳନ ପାଇଁ ୨ ଜଣ ଅସ୍ଥାୟୀ କର୍ମଚାରୀ ରହିଥିବାବେଳେ ପରିଚାଳକ ପଦବୀ ଦୀର୍ଘବର୍ଷ ହେବ ଖାଲିପଡିଛି। ଜଣେ ଭାରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ମଝିରେ ମଝିରେ ଭବାନୀପାଟଣାରୁ ଆସି ଛେଳିଙ୍କ ଚିକିତ୍ସା କରନ୍ତି। ଏହି ଫାର୍ମର କିଛି ଜାଗାରେ ଘାସ ଚାଷ ସହିତ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ୨ ଶହ ଛେଳି ରହିବା ପାଇଁ ଘର ତିଆରି ହୋଇଛି। ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କିଛି ଘର ଭାଙ୍ଗିବାକୁ ବସିଲାଣି। ଫାର୍ମରେ ମାସିକ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ତାତୁଳନାରେ ଆୟ କମ୍। ଏଣୁ ଏହି ଫାର୍ମର ଭିତ୍ତିଭୂମିକୁ ବାର୍ଷିକ ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଭଡାରେ ଲଗାଇବା ଯୋଜନା ରହିଥିବା ଜଣାପଡିଛି। ସେହିପରି ସେଠାରେ ଥିବା ଛେଳିଗୁଡିକୁ ନିଲାମରେ ବିକ୍ରି କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଗୋଟିଏପଟେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଛେଳି ପାଳିବାକୁ ପ୍ରାଧାନ୍ୟ ଦେଉଥିବାବେଳେ ଉନ୍ନତ ପ୍ରଜାତିର ଛେଳି ପ୍ରଜନନ କେନ୍ଦ୍ରରେ ଧାର୍ଯ୍ୟ ଲକ୍ଷ୍ୟର ୩୦ ପ୍ରତିଶତ ଛେଳି ରଖି ନ ପାରିବା ପ୍ରାଣୀଧନ ବିଭାଗର ପାରିବାପଣିଆ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ କଳାହାଣ୍ଡି ସିଡିଭିଓ ଡ. ହେମନ୍ତ ପ୍ରଧାନଙ୍କୁ ପଚାରିବାରୁ ୩ଜଣିଆ କମିଟି ରିର୍ପୋଟ ରାଜ୍ୟ ପ୍ରାଣୀଧନ ବିଭାଗକୁ ପଠାଯାଇଥିବା କହିଛନ୍ତି।

# ବିଧାୟକଙ୍କ ଉଦ୍ୟମରେ ରାସ୍ତା ସମସ୍ୟା ହେଲା ସମାଧାନ


ବୈଠକରେ ରାସ୍ତା ସମସ୍ୟା ସମାଧାନ ପାଇଁ ଆଲୋଚନା କରାଯାଉଛି।

କୋକସରା,୧୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡାଠାରୁ ଧର୍ମଗଡ଼ ବ୍ଲକ ଟେଣ୍ଡାପାଲିକୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ଘରୋଇ ମାଲିକାନାରେ ଥିବା ହେତୁ ନିର୍ମାଣରେ ସମସ୍ୟା ଉପୁଜିଥିଲା। ଧର୍ମଗଡ଼ ବିଧାୟକଙ୍କ ପ୍ରଚେଷ୍ଟାରେ ତାହା ବର୍ତ୍ତମାନ ସମାଧାନ ହୋଇଥିବା ଜଣାପଡିଛି। ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଲଟାପଡା ଦେଇ ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତକୁ ପିଚୁ ରାସ୍ତା ନର୍ମାଣ ପାଇଁ ଦାବି କରି ଆସୁଥିଲେ। ହେଲେ ଲଟାପଡା ଓ ଟେଣ୍ଡାପାଲିର କିଛି ରାସ୍ତା ୩ଜଣ ବ୍ୟକ୍ତିଙ୍କ ଘରୋଇ ମାଲିକାନା ରହିଥିବା ଯୋଗୁ ତାହା ସମ୍ଭବ ହୋଇ ପାରୁ ନ ଥିଲା। ଅଞ୍ଚଳବାସୀଙ୍କ ଯାତାୟାତ ସମାଧାନ ପାଇଁ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜାଗା ଦାନ କରି ସହାୟତା କରିବାକୁ ୩ ଜମି ମାଲିକଙ୍କୁ ଅନୁରୋଧ କରିଥିଲେ। ବିଧାୟକଙ୍କ ଅନୁରୋଧ ରକ୍ଷାକରି ସେମାନେ ଜାଗା ଦାନ କରିବାକୁ ସହମତି ପ୍ରଦାନ କରିଥିବା ଜଣାପଡ଼ିଛି। ଫଳରେ ରାସ୍ତା ପାଇଁ ଥିବା ସମସ୍ୟା ସମାଧାନ ହୋଇଛି। ୩ ଜମି ମାଲିକ, ବିଧାୟକଙ୍କ ସହ ଧର୍ମଗଡ଼ ବ୍ଲକ ଜୋନ୍–୨ ଜିଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ଼, ଟେଣ୍ଡାପାଲି ସରପଞ୍ଚ, ବିଜେଡି କର୍ମୀ ପ୍ରମୋଦ କୁମାର ଦାସ, ବିଜେଡି ଅନୁସୂଚିତ ଜାତି ସେଲ ସଭାପତି ରମେଶ ଦୁର୍ଗା, ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତୃବର୍ଗ ଉକ୍ତ ଜାଗା ପରିଦର୍ଶନ କରି ଆଲୋଚନା କରିଥିଲେ। ଆଗକୁ ଏହି ରାସ୍ତା ନିର୍ମାଣ ହେଲେ କୋକସରା ଓ ଧର୍ମଗଡ଼ ବ୍ଲକ ସହିତ ନବରଙ୍ଗପୁର, ଛତିଶଗଡ଼କୁ ଗମନାଗମନ ପାଇଁ ଜନସାଧାରଣ ଉପକୃତ ହେବେ।

# କେସିଙ୍ଗା ଓପିଟିସିଏଲ୍ ସମ୍ମୁଖରେ ବିକ୍ଷୋଭ

କେସିଙ୍ଗା,୧୧।୫(ଡି.ଏନ.ଏ.)



ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଏକତା ମଞ୍ଚ**

କଳାହାଣ୍ଡି ଜିଲା କେସିଙ୍ଗାଠାରେ ଓଏସଇବି କର୍ମଚାରୀ ଫେଡେରେଶନ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ କେସିଙ୍ଗା ପକ୍ଷରୁ ଗୁରୁବାର ବିକ୍ଷୋଭ ଓ ଗଣଧାରଣା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ମହାସଂଘ ନେଇ ଗଠିତ ଏକତା ମଞ୍ଚ ଡାକରାରେ ବିଭିନ୍ନ ଦାବି ନେଇ ଗତ ୮ ତାରିଖ ମଙ୍ଗଳବାରଠାରୁ ଆନ୍ଦୋଳନ ଜାରି ରହିଛି। ଏହିକ୍ରମରେ ଗୁରୁବାର ତୃତୀୟ ଦିନରେ ବିଦ୍ୟୁତ୍ କ୍ଷେତ୍ରର ସମସ୍ତ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ କେସିଙ୍ଗାସ୍ଥିତ ଗ୍ରିଡ କଣ୍ଟ୍ରୋଲ ରୁମ୍ ତଥା ଓପିଟିସିଏଲ୍ ଡିଭିଜନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳଯାଏ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଦାବି ଓ ସମସ୍ୟା ନେଇ ଏକତା ମଞ୍ଚ ଅଧିକାରୀମାନଙ୍କ ସହ ବାରମ୍ବାର ଆଲୋଚନା ହୋଇଥିଲେ ମଧ କୌଣସି ସମାଧାନ ନ ହେବାରୁ ଏହି ଆନ୍ଦୋଳନ ସମଗ୍ର ଓଡ଼ିଶାରେ ଗତ ୯ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା କର୍ମଚାରୀମାନଙ୍କ ସମସ୍ୟା ସମାଧାନ ନ ହେଲେ ୧୬ ତାରିଖଠାରୁ ଓପିଟିସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଏକତା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। କର୍ମଚାରୀମାନଙ୍କ ବିଭିନ୍ନ ଦାବି ମଧ୍ୟରେ ମୁଖ୍ୟତଃ ସମସ୍ତ ଦରମାଗତ ସମସ୍ୟା ଦୂରକରିବା, ୨୮୩୦ ଏବଂ ୩୩୩୦ ଗ୍ରେଡ ପେ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ନୂତନ ମଜୁରି ନିର୍ଦ୍ଧାରଣ ୦୧–୦୪–୨୦୨୦ଠାରୁ ଲାଗୁ କରିବା ଇତ୍ୟାଦି ରହିଛି। ତୃତୀୟ ଦିନ ବିକ୍ଷୋଭ ପ୍ରଦର୍ଶନରେ ପୂର୍ଣ୍ଣଚନ୍ଦ୍ର ମାଝି, ଦୁର୍ଗା ମାଧବ ପଣ୍ଡା, ମନୋଜ କୁମାର ସାହୁ, ମିତ୍ରଭାନୁ ମୋଲାନା, ବିଶ୍ୱଜିତ୍ ମହଲା, ସୁବ୍ରତ ସାହୁ, ଅଗ୍ନି ସାହୁ, ଶରତ ନାୟକ, ସରୋଜ ପ୍ରଧାନ, ଶ୍ରୀକାନ୍ତ ମଲାନା ପ୍ରମୁଖ ସାମିଲ ହୋଇଥିଲେ।

# ଆଗଲପୁର ତହସିଲ: ଧାର୍ଯ୍ୟ ସମୟରେ ମିଳୁନି ପ୍ରମାଣପତ୍ର

ଲୋଇସିଂହା, ୧୧।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ତହସିଲରେ ବିଭିନ୍ନ ପ୍ରକାର ପ୍ରମାଣପତ୍ର ଧାର୍ଯ୍ୟ ସମୟରେ ମିଳୁନାହିଁ। ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଥିବାରୁ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତ୍ୟେକ କାର୍ଯ୍ୟରେ ବିଭିନ୍ନ ପ୍ରକାର ପ୍ରମାଣପତ୍ରର ଆବଶ୍ୟକତା ପଡୁଛି। ବିଶେଷ କରି ଉତ୍ତରାଧିକାରୀ ପ୍ରମାଣପତ୍ର, ଆୟ, ବାସସ୍ଥାନ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଆବେଦନ କଲେ ଦିନ ଦିନ ଲାଗି ଯାଉଛି। ରୋତ ଗ୍ରାମର ସତ୍ୟଭାମା ନାଗ ସ୍ୱାମୀଙ୍କ ଦେହାନ୍ତ ପରେ ଏବଂ ମାଙ୍କ ମୃତ୍ୟୁ ପରେ ବଳଦେବ ପଟେଲ ଲିଗାଲ ହେୟାର ପ୍ରମାଣ ପାତ୍ର ପାଇଁ ଆବେଦନ କରିଛନ୍ତି। ୪୫ ଦିନ ମଧ୍ୟରେ ଉକ୍ତ ପ୍ରମାଣପତ୍ର ଆବେଦନକାରୀଙ୍କୁ ମିଳିବା କଥା। ହେଲେ ଉକ୍ତ ତହସିଲରେ ପ୍ରମାଣପତ୍ର ପାଇଁ ଆବେଦନକାରୀଙ୍କୁ ତହସିଲ ଅଫିସକୁ ବାରମ୍ବାର ଦୌଡିବାକୁ ପଡୁଛି। ଦାଖଲ ଖାରଜ ମାମଲାଗୁଡିକର ବିଚାର ପ୍ରକ୍ରିୟାକୁ ସରକାର ସରଳୀକରଣ କରିଛନ୍ତି। ୪୫ ଦିନ ମଧ୍ୟରେ ଆବେଦନକାରୀଙ୍କୁ ପଟ୍ଟା ମିଳିଥାଏ। ହେଲେ ଏଠାରେ ନିୟମର ଉଲ୍ଲଂଘନ କରି ହିତାଧିକାରୀଙ୍କୁ ହଇରାଣ କରାଯାଉଥିବା ବରିଷ୍ଠ ଆଇନଜୀବୀ ଶଶାଙ୍କ ଶେଖର ଭୋଇ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ସରୋଜା ବେହେରାଙ୍କୁ ପଚାରିବାରୁ ମୁଁ ଏଠାରେ ନୂଆ କରି ଯୋଗଦେଇଛି। ବିଭିନ୍ନ ପ୍ରମାଣ ପତ୍ର କିପରି ଠିକଣା ସମୟରେ ମିଳି ପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ବିକାଶରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



ପୁରସ୍କୃତ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ଭବାନୀପାଟଣା,୧୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ଉଇସଡମ ପାର୍କଠାରେ ଗତ ୧ ତାରିଖରୁ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ଏକାଡେମିକ ଇଞ୍ଚାର୍ଜ, ଡି. ବିଜୟା, ଡି. ପଦ୍ମିନୀ, ବିକାଶ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ, ଯୁବରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷା ଆରତୀ ମିଶ୍ର ସ୍ୱାଗତ ଭାଷଣ ତଥା କାର୍ଯ୍ୟକ୍ରମ ବିବରଣୀ ପାଠ କରିଥଲେ। ଛାତ୍ରୀଛାତ୍ରମାନେ ଦଶଦିନରେ ଶିଖିଥିବା କାର୍ଯ୍ୟଗୁଡିକୁ ପ୍ରଦର୍ଶନ କରିଥିଲେ। କୃତୀ ତଥା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟ ପର୍ଯ୍ୟାୟ ସଂଯୋଜିକା ସୁକଜିତ କୋର ଓ ହୃଦୟାନନ୍ଦ ଚନ୍ଦନ, ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଅଭୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଭବାନୀପାଟଣାସ୍ଥିତ ଅନ୍ୟ ବିଦ୍ୟାଳୟ ମଧ୍ୟ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ପାହାଡ ଚଢ଼ା, ଓଡିଶୀ ନୃତ୍ୟ, ଲୋକନୃତ୍ୟ, ଆଧୁନିକ ନୃତ୍ୟ, ଡ୍ରମ୍, ପ୍ୟାନୋ, ଗୀଟାର ଆଦି ବାଦ୍ୟଯନ୍ତ୍ର, କଣ୍ଠ ସଙ୍ଗୀତ, ଭଲିବଲ, ଖୋଖୋ, ଟେବୁଲ ଟେନିସ୍ ଆଦି ଖେଳ ସହ ଯୋଗ ଓ ଧ୍ୟାନ, କଳସ ଉପରେ ଚିତ୍ରକଳା, ପେଣ୍ଟିଂ, ସ୍ପୋକେନ ଇଂଲିଶ ପରି ଅନେକ ବିଷୟରେ ତାଲିମ ଦିଆଯାଇଥିଲା। ଖେଳ ଶିକ୍ଷକଙ୍କ ସମେତ ବିଷୟ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଭିଭାବକମାନେ ମଧ୍ୟ ଉଦ୍ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ

ଲାଞ୍ଜିଗଡ,୧୧।୫(ଡି.ଏନ.ଏ.)

**ପଞ୍ଚାୟତରେ ଜଳଛତ୍ର ଖୋଲିବାକୁ ଦାବି**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡରେ ଗ୍ରୀଷ୍ମଜନିତ ତାତି ଅନୁଭୂତ ହେଉଥିବା ବେଳେ ଲାଞ୍ଜିଗଡ ପଞ୍ଚାୟତ ପକ୍ଷରୁ ଆଜି ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ। ମାର୍ଚ୍ଚ ପ୍ରଥମରୁ ଗ୍ରୀଷ୍ମ ତାତିରେ ବାହାରକୁ ବାହାରିବା ସହ ଅସହ୍ୟତାତି ସହି ହେଉନି। ଏପ୍ରିଲ ପ୍ରଥମରୁ ପାରଦ ୪୧ ଡିଗ୍ରୀ ଅତିକ୍ରମ କଲାଣି। ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ଯୋଗୁ ସବୁବେଳେ ଅଞ୍ଚଳରେ ଜନ ଗହଳି ଦେଖିବାକୁ ମିଳୁଛି। ଲୋକଙ୍କ ଆଖୁ ରସ ଓ ସର୍ବତ ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଲାଞ୍ଜିଗଡ ପଞ୍ଚାୟତ ପକ୍ଷରୁ ଜଳଛତ୍ରର କୌଣସି ସୁବିଧା ହୋଇନାହିଁ। ପ୍ରବଳ ଖରାରେ ଏଠାକୁ ଦୂର ଦୂରାନ୍ତରୁ ଆସୁଥିବା ପଥିକମାନେ ପାଣି ମୁନ୍ଦାଏ ପିଇବା ପାଇଁ ହନ୍ତସନ୍ତ ହେଉଛନ୍ତି। ଲାଞ୍ଜିଗଡ ପଞ୍ଚାୟତ ଦ୍ୱାରା ଗତବର୍ଷ ଏପ୍ରିଲ ୧୧ ତାରିଖରେ ଜଳଛତ୍ର ଖୋଲାଯାଇଥିବା ବେଳେ ଚଳିତବର୍ଷ ଆଜି ପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇନାହିଁ। ଏହାକୁ ନେଇ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଲାଞ୍ଜିଗଡ ସହରର ବିଭିନ୍ନ ପଡାକୁ ପାଇପ ଲାଇନ ଯୋଗେ ଯୋଗାଇ ଦିଆଯାଉଥିବା ପାଣି ମଧ୍ୟ ଆଜକୁ ୯ ଦିନ ହେଲା ବନ୍ଦ ଥିଲା। ଏ ନେଇ ଯନ୍ତ୍ରୀ ଦଶମନ୍ତ ମାଝିଙ୍କୁ ପଚାରିଲେ ବିଭିନ୍ନ ଜାଗାରେ ପାଇପ ଫାଟିଥିବାରୁ ପାଣି ବନ୍ଦ ଅଛି ବୋଲି କହୁଛନ୍ତି। ପାଣି ପାଇପଗୁଡିକ ପୁରୁଣା ହେଇଯାଇଥିବାରୁ କଳଙ୍କି ଲାଗି ବାରମ୍ବାର ବିଭିନ୍ନ ଜାଗାରେ ଫାଟିଯାଉଥିବାରୁ ଜଳଯୋଗାଣ ପ୍ରଭାବିତ ହେଉଛି। ଏ ନେଇ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ପଞ୍ଚାୟତ ପିଇଓ ନିୟମିତ ଆସୁନାହାନ୍ତି। ପିଇଓଙ୍କ ସହିତ କଥା ହୋଇ ଶୀଘ୍ର ଜଳଛତ୍ର ଖୋଲାଯିବ ବୋଲି ପ୍ରକାଶ କରିଛନ୍ତି।

# ଜିଲା ଶିକ୍ଷାଧିକାରୀଙ୍କୁ ଏକ୍ସକ୍ୟାଡର ଶିକ୍ଷକ ସଂଘର ଦାବିପତ୍ର

ଭବାନୀପାଟଣା,୧୧।୫(ଡି.ଏନ.ଏ.)

**୭ ଦଫା ଦାବି ସମାଧାନ ନ ହେଲେ ୧୬ରୁ ଧାରଣା**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ୭ଦଫା ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ହେବ ଏକ୍ସକ୍ୟାଡର ଶିକ୍ଷକଙ୍କ ୭ ଦଫା ଦାବିକୁ ସମାଧାନ କରାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ସମାଧାନ ନ ହେଲେ ୧୬ ତାରିଖରୁ ନ୍ୟାୟ ପାଇଁ ସେମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିଗୁଡିକ ମଧ୍ୟରେ ହେଲା ଜାଲିଆତି କରିଥିବା ଜିଆଇଏସ୍ ଟଙ୍କା ତୁରନ୍ତ ଜମା କରିବା, ୬ ମାସର ଏନ୍‌ପିଏସ୍ ମେଚିଙ୍ଗ ସିଏର ଟଙ୍କା ତୁରନ୍ତ ଜମା କରିବା, ମୃତ୍ୟୁବରଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମୃତ୍ୟୁ ସହାୟତା ତୁରନ୍ତ ପ୍ରଦାନ କରିବା, ଲେଫ୍ଟ ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ଅନିୟମିତ ଭାବେ ୯ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦେଇଥିବା ଦରମା ସଂଶୋଧନ କରିବା, ଗଣଶିକ୍ଷକମାନଙ୍କ ଇପିଏଫ୍ ଟଙ୍କା ଆତ୍ମସାତ କରିଥିବା ଟଙ୍କା ତୁରନ୍ତ ପ୍ରଦାନ ଓ ପ୍ରତିମାସରେ ଠିକ୍ ସମୟରେ ଦରମା ପ୍ରଦାନ କରିବା ଆଦି ଦାବି କରାଯାଇଛି। ଏହି ଦାବିପତ୍ରର ଏକକୀତା ନକଲ ସ୍ଥାନୀୟ ବିଇଓ, ଉପଜିଲାପାଳ, ଆଇଆଇସି, ଏସ୍‌ପି, ଜିଲା ସଂଘକୁ ପ୍ରେରଣ କରାଯାଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ସମୟରେ ଭବାନୀପାଟଣା ସଦର ବ୍ଲକ ସଭାପତି ଅଜିତ କୁମାର ଦାଶ, ସାଧାରଣ ସମ୍ପାଦକ ଶଙ୍କର ବିଶି, କାର୍ଯ୍ୟକାରୀ ସଭାପତି କୁଞ୍ଜ ବିହାରୀ ମିଶ୍ର, ଜିଲା କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ସାହୁ, ଉପଦେଷ୍ଟା, ପଦ୍ମନ ମହାରଣା, ଉପସଭାପତି ଜୟ ମାଝି, ପ୍ରମିଳା ସାହୁ, କପୁର ଚନ ବାଗ, ସୁଶାନ୍ତ କୁମାର ସ୍ୱାଇଁ, ନୀଳ ବାଗ ପ୍ରମୁଖ ଉପସ୍ଥିତ ଥିଲା।

# ୫ ବର୍ଷ ହେଲା ଶେଷ ହେଉନି ପୋଲ କାମ

କେସିଙ୍ଗା,୧୧।୫(ଡି.ଏନ.ଏ.)


ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଥିବା ସେତୁ।

- ବର୍ଷା ଋତୁ ପୂର୍ବରୁ ନିର୍ମାଣ ଶେଷ ପାଇଁ ଦାବି
- ଜମି ଅଧିଗ୍ରହଣ, ଟେଣ୍ଡର ପ୍ରକ୍ରିୟା ଶେଷ

କଳାହାଣ୍ଡି ଜିଲା କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ମଶାଣିବନ୍ଧ ଓ ଭମରମାଲ ସଂଯୋଗ କରୁଥିବା ଦେହେରେନ୍ ଯୋର ଆଜକୁ ୫ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏ ନେଇ ଅଞ୍ଚଳବାସୀ ବହୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷା ଋତୁ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ୨୦୧୮–୧୯ ଆର୍ଥିକ ବର୍ଷରେ ଏହି ସେତୁ ନିର୍ମାଣ ପାଇଁ ୨ କୋଟି ୨୩ ଲକ୍ଷ ୧ ହାଜର ୩୮୫ ଟଙ୍କା ମଞ୍ଜୁର ହୋଇଥିଲା। କେସିଙ୍ଗାର ଜଣେ ଠିକାଦାରଙ୍କୁ ଟେଣ୍ଡର ମଧ୍ୟରେ ଠିକା ଦିଆଯାଇଥିଲେ। ମଶାଣିବନ୍ଧ ଗ୍ରାମ ପଟୁ ଆପ୍ରୋଚ ରାସ୍ତା ନିମାଣ ହୋଇ ୩ଟି ଖୁଣ୍ଟ ନିର୍ମାଣ କାମ ଶେଷ ହୋଇଯାଇଛି।

ଆସନ୍ତା ବର୍ଷା ଋତୁରେ ଲୋକମାନେ ରେଙ୍ଗାଲି, କଛାରପଦର–ଭମରମାଲ ହୋଇ କେସିଙ୍ଗାକୁ ଯିବାକୁ ପଡିବ। କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ଡିଭିଜନ ତ୍ରୁଟିପୂର୍ଣ୍ଣ ଡିପିଆର ଯୋଗୁ ଜମି ଅଧିଗ୍ରହଣର ଯୋଜନା କରା ନ ଯାଇ ସେତୁ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ଜମି ମାଲିକମାନେ ଅଧିକ ଟଙ୍କା ଦାବି କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ଭୁଲ ନୀତି ଯୋଗୁ ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟୁଛି। ତତ୍କାଳୀନ ଏସ୍‌ଡିଓ ଯନ୍ତ୍ରୀ ସେତୁର ଖର୍ଚ୍ଚ ଅଟକଳର ଯୋଜନା କରି ପାରିଲେ ଅଥଚ ଜମି ଅଧିଗ୍ରହଣ କଥା କିଭଳି ଭୁଲି ଗଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆଜକୁ ବର୍ଷ ବର୍ଷ ଧରି ସେତୁ ନିର୍ମାଣ କାର୍ଯ୍ୟରେ ଘୋର ସମସ୍ୟା ଦେଖାଦେବା ସହ ଅଞ୍ଚଳବାସୀ ଯଥା ମଶାଣିବନ୍ଧ, ବାଲସି, ବୁଢ଼ୀପଦର, କୋକୋଡ଼ମାଲ, କଲୋନୀପଡା ଆଦି ଗ୍ରାମର ଶହ ଶହ ଲୋକମାନେ ବର୍ଷା ଋତୁରେ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ସମ୍ମୁଖୀନ ହେବେ। ମଶାଣିବନ୍ଧଠାରୁ ବାଲସି, ବୁଡିପଦର, ରୁପ୍ରା ରୋଡ଼କୁ ସଂଯୋଗ କରୁଥିବା ୭.୨୦୦ କି.ମି. ରାସ୍ତା ପିଚୁ କାମ ଇତି ମଧ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରୁ ୨ କୋଟି, ୯୨ ଲକ୍ଷ ୪୯ ହଜାର ବ୍ୟୟ ଅଟକଳରେ ସମ୍ପୂର୍ଣ୍ଣ ହୋଇଯାଇଛି। ମଶାଣିବନ୍ଧଗ୍ରାମର ତାରିଣୀ ମନ୍ଦିରଠାରୁ ମଶାଣିବନ୍ଧ–ଭମରମାଲ ସେତୁ ଦେଇ ଭମରମାଲ ଆରଡି ରାସ୍ତା ସଂଯୋଗ କରୁଥିବା ପ୍ରାୟ ୫ କି.ମି. ରାସ୍ତା ଓ ଅର୍ଦ୍ଧନିର୍ମିତ ସେତୁର ନିର୍ମାଣ ପାଇଁ ଶୀଘ୍ର କରିବା ପାଇଁ ଅଞ୍ଚଳବାସୀଙ୍କ ଦାବି ହେଉଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ.ଅଜିତ କୁମାର ସିଂଙ୍କୁ ପଚାରିବାରୁ ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଯାଇଛି, ମ୍ୟୁଟେସନ କାମ ଶେଷ ହୋଇଗଲେ ଠିକାଦାର ଟେଣ୍ଡର ପ୍ରକ୍ରିୟାରେ କାମ ଆରମ୍ଭ କରିବେ ବୋଲି କହିଥିଲେ।

## ସଂକ୍ଷେପରେ

### ପିସ୍ତଲ, ଗୁଳି ଜବତ, ୨ ଗିରଫ

**■ ପୋଲିସଙ୍କୁ ହତ୍ୟା ଧମକ ଘଟଣା**

**ବରପାଲି,୧୧।୫(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ କଦଳୀପାଲି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଜଣେ କାର୍ଯ୍ୟରତ ପୋଲିସ ଏଏସ୍‌ଆଇ କୁନା କୁମାର ସାହୁଙ୍କୁ ପିସ୍ତଲ ଦେଖାଇ ହତ୍ୟା ଧମକ ଦେବା ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବରଗଡ଼ ଜିଲା ସୋହେଲା ୱାର୍ଡ଼ ନଂ-୨ ପଠାନପଡ଼ାର ଅଶ୍ୱିନୀ ଓରଫ୍ କ୍ଷୀରେଶ୍ୱର ସୁନା(୩୮) ଏବଂ ବରପାଲି ଥାନା ବରପାଲି ତହସିଲ ଛକ ୱାର୍ଡ଼ ନଂ-୧ର ରାନୁ ଓରଫ ଉଦୟ କୁମାର ଯାଦବ(୨୬)। ପୋଲିସ ସେମାନଙ୍କ ପାଖରୁ ଏକ ଦେଶୀ ପିସ୍ତଲ ଏବଂ ଗୋଟିଏ ଜୀବନ୍ତ ଗୁଳି ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ବରପାଲି କୋର୍ଟକୁ ଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରପାଲି ଥାନାରେ ଦଫା ୨୯୪, ୫୦୬, ୩୪ଆଇପିସି ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୧୬୩/୨୩) ରୁଜୁ ହୋଇଛି ।

ସୂଚନା ଅନୁଯାୟୀ, ଗିରଫ ଦୁଇ ଅଭିଯୁକ୍ତ ବୁଧବାର ସନ୍ଧ୍ୟାରେ କଦଳୀପାଲି ଶିବ ମନ୍ଦିର ନିକଟରେ ସର୍ବସାଧାରଣଙ୍କ ସମ୍ମୁଖରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରୁଥିଲେ। ଖବର ପାଇ ପାଟ୍ରୋଲିଂ କରୁଥିବା ଏଏସ୍‌ଆଇ ସାହୁ ସେଠାରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତଙ୍କୁ ଧରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପିସ୍ତଲ ବାହାର କରି ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଏଏସ୍‌ଆଇ ସାହୁ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଘଟଣାର ଅଧିକ ତଦନ୍ତ କରୁଛି।

### ଅଙ୍ଗନୱାଡି କେନ୍ଦ୍ର ନିର୍ମାଣର ଭୂମିପୂଜନ



**ବରଗଡ଼ ଅଫିସ୍,୧୧।୫:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୮ ବନ୍ଧପଡ଼ାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାଉନସିଲର କ୍ଷୀତେଶ୍ୱର କୁମ୍ଭାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଉକ୍ତ ୱାର୍ଡରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘଦିନର ଦାବି ପୂରଣ ହୋଇଥିବା ଯୋଗୁ ପଡ଼ାବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ବରଗଡ଼ ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ।

### ଲକ୍ଷାଧିକ ଟଙ୍କା, ମଦ ଜବତ



**ଅତାବିରା/ସରଣ୍ଡା,୧୧।୫(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଗୁରୁବାର ସକାଳୁ ବିଦେଶୀ ମଦ ବୋଝେଇ ଏକ କାର୍ (ନଂ.ଓଡ଼ି୧୭ଜେ/୬୩୬୧) ଜବତ କରିଛି। ଏହାସହ ମଦ ଚାଲାଣ କରିଥିବା ଅଭିଯୁକ୍ତଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ମାତୃବିହାର ନିବାସୀ ସଞ୍ଜୀବ କୁମାର ଗୁପ୍ତା(୪୮)। ତାଙ୍କ ପାଖରୁ ନଗଦ ୧ଲକ୍ଷ ୩୦ହଜାର ୨୫୦ ଟଙ୍କା, ବିଦେଶୀ ମଦ ଏବଂ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୧୮୫/୨୩) ରୁଜୁ ହୋଇଛି।

# ଆଜିଠୁ ଭେଡେନ ବ୍ଲକରେ ରବି ଧାନ ସଂଗ୍ରହ

**ଭେଡ଼େନ,୧୧।୫(ଡ଼ି.ଏନ.ଏ.)**



ଚାଷୀମାନେ ଅମଳ ଧାନକୁ ରାସ୍ତା କଡ଼ରେ ଶୁଖାଇଛନ୍ତି।

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକର ମଣ୍ଡି ଗୁଡ଼ିକରୁ ଶୁକ୍ରବାରଠାରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଭେଡ଼େନ ବ୍ଲକର ୧୨ଟି ପ୍ୟାକ୍ସ ଓ ୨ ଡବ୍ଲ୍ୟୁଏସ୍‌ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ଧାନ କିଣିବ। ମଣ୍ଡି ଗୁଡ଼ିକ ସପ୍ତାହକ ଛଅ ଦିନ ଖୋଲା ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କା ଏବଂ ଗ୍ରେଡ଼-ଏ ଧାନ କୁଇଣ୍ଟା ପ୍ରତି ୨୦୬୦ ଟଙ୍କା ରହିଛି। ବିକ୍ରି ଧାନର ପ୍ରାପ୍ୟ ପି-ପାସ୍ (ପେଡ଼ି ପ୍ରକ୍ୟୁମେଣ୍ଟ ଅଟୋମେଶନ ସିଷ୍ଟମ) ମାଧ୍ୟମରେ ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର ଜରିଆରେ ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବା ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଛି। ଜିଲାରେ ମୋଟ ୮୧ ହଜାର ୭୦୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅତାବିରା ଆର୍‌ଏମ୍‌ସି ଅନ୍ତର୍ଗତ ଭେଡ଼େନ ବ୍ଲକରେ ୧୩୦୨୪ ଜଣ ପଞ୍ଜୀକରଣ କରିଛନ୍ତି। ଯାହାକି ଗତ ଥରଠାରୁ ୭୮୫ ଜଣ ଅଧିକ ରହିଛନ୍ତି । ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ଅବଧି ଏକ ମାସ ରହିଛି। ଚାଷୀମାନେ ସେହି ଅବଧି ମଧ୍ୟରେ ଯେଭଳି ଧାନ ବିକ୍ରି କରିବେ ସେଥିପ୍ରତି ପ୍ରଶାସନ ସଜାଗ ରହିଥିବା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତଥା ଉପ ଜିଲାପାଳ ଲଲାଟ କୁମାର ଲୁହା କହିଛନ୍ତି। ତେବେ ଗ୍ରୀଷ୍ମ ପ୍ରବାହ ଓ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ପାନୀୟ ଜଳ, ତାରପୋଲିନ ବ୍ୟବସ୍ଥା କରାଯାଇଥିବା ଅତାବିରା ଆର୍‌ଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି, ଗତ ଏପ୍ରିଲ ୧୩ରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ୬ତାରିଖରେ ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖରେ ମଣ୍ଡି ଖୋଲି ନ ଥିଲା।

**ଧାନକିଣାରେ ୧୨ ପ୍ୟାକ୍ସ, ୨ ଏସ୍‌ଏଚ୍‌ଜି ସାମିଲ**

କେତେକ ଚାଷୀ ସଙ୍ଗଠନର ଦାବିକୁ ଦୃଷ୍ଟିରେ ରଖି ମେ ୧୦ ତାରିଖରେ ମଣ୍ଡି ଖୋଲାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଥିଲେ। ତେବେ ଗତ ୧୦ ତାରିଖରେ କେବଳ ଅତାବିରା ବ୍ଲକର ମଣ୍ଡିଗୁଡ଼ିକୁ ଖୋଲାଯାଇଥିଲା। ମାତ୍ର ଭେଡ଼େନ ବ୍ଲକରେ ୧୨ ତାରିଖରେ ମଣ୍ଡଇ ଖୋଲାଯିବା ପ୍ରଶାସନର ନିଷ୍ପତ୍ତିକୁ ନେଇ ଚାଷୀମାନେ ଦ୍ୱିଧାରେ ପଡ଼ିଥିଲେ। ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାବେଳେ ଚାଷୀଙ୍କୁ ବର୍ଷା ଭୟ ଘାରିଥିଲା। ଚାଷୀମାନେ ଅମଳ ଧାନକୁ କ୍ଷେତ, ଖଳା ଓ ରାସ୍ତା ଉପରେ ରଖିଥିବାରୁ ପ୍ରମାଦ ଗଣୁଥିଲେ। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇ ୧୦ତାରିଖରେ ବାତ୍ୟା ଓ ବର୍ଷା ଭୟରେ ଚାଷୀମାନେ ଆଶଙ୍କାରେ ଥିଲେ। ତେବେ ଏହା ବାଂଲାଦେଶ, ମ୍ୟାନମାର୍ ମୁହାଁଇବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପାଇବା ପରେ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି ।

# ମହିଳାଙ୍କ ପେଟରୁ ବାହାରିଲା ୧୦ କେଜି ଓଜନ ଟ୍ୟୁମର



ସଫଳ ଅସ୍ତ୍ରୋପଚାର ହୋଇଥିବା ମହିଳା(ମଝି) ।

**ବରଗଡ଼ ଅଫିସ୍,୧୧।୫**

ବରଗଡ଼ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଜଣେ ୫୭ବର୍ଷ ବୟସ୍କା ମହିଳାଙ୍କ ପେଟରୁ ୧୦ କି.ଗ୍ରା ଓଜନର ଟ୍ୟୁମର ଅସ୍ତ୍ରୋପଚାର ମାଧ୍ୟମରେ କଢ଼ାଯାଇଛି। ପ୍ରକାଶଥାଉକି, ଉକ୍ତ ମହିଳାଙ୍କୁ ଭିମସାର୍, ବୁର୍ଲାରେ ଚିକିତ୍ସା କରାଯାଉଥିବା ବେଳେ ସେ ଡିମ୍ବାଣୁ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ପରୀକ୍ଷାରେ ଜଣାପଡ଼ିଥିଲା ଏବଂ ତାଙ୍କୁ କେମୋଥେରାପି ଦିଆଯାଉଥିଲା। କିନ୍ତୁ ସେ ଭଲ ପାଇ ପାରି ନ ଥିଲେ। ପରେ ତାଙ୍କୁ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କ୍ୟାନ୍ସର ରୋଗ ସର୍ଜନ ଡା. ଭାରତ ଚନ୍ଦ୍ର ମିଶ୍ର ତାଙ୍କର ଚିକିତ୍ସା କରିଥିଲେ। ମହିଳାଙ୍କ ପେଟ ବଢ଼ିଯାଇଥିବା ଯୋଗୁ ସେ ଠିକ୍ ଭାବେ ଚଳାବୁଲା କରି ପାରୁ ନ ଥିଲେ। ଖାଦ୍ୟ ଗ୍ରହଣ ଏବଂ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡା. ମିଶ୍ର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କର ଟ୍ୟୁମର ଥିବା ଏବଂ ଅସ୍ତ୍ରୋପଚାର ଜରୁରୀ ବୋଲି ପରିବାରବର୍ଗଙ୍କୁ କହିଥିଲେ। ପରିବାରବର୍ଗଙ୍କ ସମ୍ମତିକ୍ରମେ ଗତ ୫ତାରିଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ଟ୍ୟୁମର କଢ଼ାଯାଇଥିଲା। ବୁଧବାର ମହିଳା ଜଣକ ବିକାଶ ମଲ୍ଟି ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି ଏବଂ ସେ ସୁସ୍ଥ ଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।



ରେଳ ଲାଇନ ନିର୍ମାଣ ଦାବିରେ ଅନୁଷ୍ଠିତ ବୈଠକ ।

# ତେଜୁଛି ରେଳଲାଇନ ନିର୍ମାଣ ଦାବି

**ବରଗଡ଼ ଅଫିସ୍,୧୧।୫**

ରାୟପୁର-ବରଗଡ଼ ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତିର ଏକ ବୈଠକ ଛତିଶଗଡ଼ ରାଜ୍ୟ ବସନା ଅଗ୍ରସେନ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମହାସମୁଦ ଏମ୍‌ପି ଚୁନିଲାଲ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବରଗଡ଼, ସୋହେଲା, ସରାଇପାଲି, ବସନା, ସାକରା, ପିଥୋରା ଆଦି ସ୍ଥାନରୁ ଲୋକେ ଯୋଗଦାନ କରିଥିଲେ। ଅନେକ ଲୋକଙ୍କୁ ସମିତିର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏଥିରେ ଛାତ୍ର, ବ୍ୟବସାୟୀ, ଚାଷୀ ଏବଂ ଅନ୍ୟ ବର୍ଗର ଲୋକେ ସାମିଲ ହୋଇଛନ୍ତି। ରାୟପୁର-ବରଗଡ଼ ରେଳ ଲାଇନ ନିର୍ମାଣ ଦାବିକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସମୟ ଉପନୀତ ହୋଇଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଦାବିକୁ ପୂରଣ କରିବା ପାଇଁ ସ୍ଥାନୀୟ ଏବଂ କେନ୍ଦ୍ରୀୟ ସ୍ତରରେ ସେ ପ୍ରୟାସ ଜାରି ରଖିବେ ବୋଲି ଏମ୍‌ପି ସାହୁ କହିଥିଲେ। ବରଗଡ଼ରୁ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଅଭିଜିତ ପ୍ରତିହାର, ଅଚ୍ୟୁତାନନ୍ଦ ବାରିକ, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଉଦ୍ଧବ ଚରଣ ବେହେରା, ମନୋରଞ୍ଜନ ପୂଜାରୀ, ଗୋପାଳ ଶର୍ମା, ଭରତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ପଦ୍ମପୁର,୧୧।୫(ଡି.ଏନ.ଏ.)**

ଗୁରୁବାର ବାଇକ୍ ପଛରେ ବସିଯାଉଥିବା ବେଳେ ବରଗଡ଼ ଜିଲା ପଦ୍ମପୁର-ଗାଇସିଲେଟ ରୋଡ୍ ଏଲ୍.ଏନ୍. କଲ୍ୟାଣ ମଣ୍ଡପ ସମ୍ମୁଖରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ହୋଇଛି। ଏ ନେଇ ପଦ୍ମପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ତନାଘନା ଚଳାଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ (ରାତି ୯ଟା) ଲୁଟେରାଙ୍କ କୌଣସି ସୁରାକ୍ ମିଳିପାରିନାହିଁ। କବିବରପୁର ଗାଁର ଗଜିନ୍ଦର ସାହୁ ସ୍ତ୍ରୀ ଓ ପୁଅ ଅପରାହ୍ନ ସାଢେ ୫ଟା ସମୟରେ ଗାଇସିଲେଟରୁ ପଦ୍ମପୁର ଆଡକୁ ଆସୁଥିଲେ। ଏହି ସମୟରେ ପିଛା କରୁଥିବା ଦୁର୍ବୃତ୍ତ ଜଣଙ୍କ ମହିଳାଙ୍କ ବେକରୁ ଚେନ ଟାଣି ନେଇଥିଲେ। ଫଳରେ ବାଇକ୍ ଭାରସାମ୍ୟ ହରାଇବାରୁ ଦମ୍ପତି ତଳେ ପଡ଼ିଯାଇଥିଲେ।

# ପଦ୍ମପୁର: ବଢୁଛି ଜମି ଚାହିଦା

**ପଦ୍ମପୁର,୧୧।୫(ଡି.ଏନ.ଏ.)**

୧୯୯୨ ମସିହାରୁ ଦୀର୍ଘ ୩୧ ବର୍ଷ ହେଲା ପଦ୍ମପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ମାତ୍ର କୌଣସି ସୁଫଳ ମିଳିପାରି ନ ଥିଲା। ତେବେ ଗତ ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଦ୍ମପୁରକୁ ଜିଲା ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢିବାରେ ଲାଗିଛି। ପଦ୍ମପୁର ଜିଲା ଘୋଷଣାକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ପଦ୍ମପୁର ଜିଲା ହେଲେ ପଦ୍ମପୁର ସଂଲଗ୍ନ ଅଞ୍ଚଳର ଜମି ଚାହିଦା ବଢିଯିବ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଜମିଜମା ପ୍ରସ୍ତୁତି ଚାଲିଛି। ପୂର୍ବରୁ ଏକର ଏକର ଜମି କିଣିଥିବା ଲୋକେ ବର୍ତ୍ତମାନ ତତ୍ପର ହୋଇ ଉଠିଥିବା ଦେଖାଯାଉଛି। ମାଲିକମାନେ ଜମିଗୁଡିକୁ ପ୍ଲଟିଂ କରିବା ସହ ରାସ୍ତା ଚିହ୍ନଟ କରି ବିଦ୍ୟୁତ୍ ଖୁଣ୍ଟ ପୋତୁଛନ୍ତି। ସେହିପରି ଜମି ମଧ୍ୟସ୍ଥ ମଧ ସକ୍ରିୟ ହୋଇପଡିଲେଣି। ଅପରପକ୍ଷେ ପଦ୍ମପୁର ସବ୍‌ରେଜିଷ୍ଟ୍ରି ଅଫିସରେ ଜମି କ୍ରେତା ବିକ୍ରେତାଙ୍କ ଭିଡ଼ ପରିଲକ୍ଷିତ ହେଉଛି।

# ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବିପତ୍ର ପ୍ରଦାନ



ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

**ପଦ୍ମପୁର,୧୧।୫(ଡି.ଏନ.ଏ.)**

ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତି ଅଶ୍ଲୀଳ ଭାଷା ପ୍ରୟୋଗ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ପାଇକମାଳ ଥାନାରେ ଏକ ମାମଲା (ନଂ.୯୧।୨୩) ରୁଜୁ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଆସନ୍ତା ୭ ଦିନ ମଧ୍ୟରେ ତାଙ୍କୁ ଗିରଫ କରା ନ ଗଲେ ଏସ୍‌ଡିପିଓ ଅଫିସ ଓ ପାଇକମାଳ ଥାନା ଘେରାଉ କରାଯିବ ବୋଲି ଆମ୍ବେଦକର ୱାରିୟର ସଂଘ ପକ୍ଷରୁ ଗୁରୁବାର ପଦ୍ମପୁର ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଝାରବନ୍ଧ ବ୍ଲକ ସଭାପତି ମହେଶ କୁମାର ବାଘ, ପାଇକମାଳ ବ୍ଲକ ସଭାପତି ଜୟ କୁମାର ଜାଲ, ନୃପରାଜ ଜାଲ, ସତ୍ୟ ନାରାୟଣ ଶିକା, ପିତାମ୍ବର ବାଗ, ମୁରଲୀ ସୁନା, ରାଜ କୁମାର, ସୁଶିଲ ସୁନା, ଆଶିକ ମହାନନ୍ଦ, ସୁଜନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଜୋର୍ ଧରିଲା ଚିନିକଳ ପୁନଃ ଖୋଲିବା ଦାବି

**ବରଗଡ଼ ଅଫିସ୍,୧୧।୫**



ଖବରଦାତା ସମ୍ମିଳନୀରେ ଆପ୍ କାର୍ଯ୍ୟକର୍ତ୍ତାବୃନ୍ଦ ।

ବରଗଡ଼ ସମବାୟ ଚିନି କଳ ପୁନଃ ଖୋଲିବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଦାବି କରିଛି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଆପ୍‌ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଥିଲେ, ୧୯୬୯ ମସିହାରୁ ଆରମ୍ଭ ହୋଇଥିବା ବରଗଡ଼ ଚିନି କଳ ଓଡ଼ିଶା ମାନଚିତ୍ରରେ ଶିଳ୍ପ ନଗରୀର ମାନ୍ୟତା ପାଇଥିଲା। ମାତ୍ର ବର୍ତ୍ତମାନର ସରକାରଙ୍କ ସମୟରେ ଏହି ଚିନିକଳ ଅଧୋଗତି ଆଡ଼କୁ ମୁହାଁଇଥିଲା ଏବଂ ଶେଷରେ ଚିନିକଳ ବନ୍ଦ ହୋଇ ପଡ଼ିଛି। ଏହି ଚିନିକଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସବୁଆଡ଼େ ଚର୍ଚ୍ଚା ଚାଲିଛି। ଏହାକୁ ଆପ୍ ବିରୋଧ କରିଛି ଏବଂ ଚିନିକଳକୁ ପୁନଃ ଚାଲୁ କରିବାକୁ ଦାବି କରିଛି। ସେହିପରି ଚିନିକଳ କର୍ମଚାରୀମାନେ ମଧ୍ୟ ଦୀର୍ଘବର୍ଷ ଧରି ଦରମା ପାଇ ପାରି ନ ଥିବବେଳେ ମୁଖ୍ୟମନ୍ତ୍ରୀ ଚିନି କଳ ପାଇଁ ଏକ ପ୍ୟାକେଜ ମଧ୍ୟ ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସେହି ପ୍ୟାକେଜର ଟଙ୍କାଟିଏ ମଧ୍ୟ ଚିନିକଳକୁ ନ ମିଳିବା ବିଡ଼ମ୍ବନାର ବିଷୟ ବୋଲି ଆପ୍ ଜିଲା ଆବାହକ ସାହୁ କହିଥିଲେ। ସେହିପରି ଚିନି କଳକୁ ବନ୍ଦ କରିଦିଆଗଲେ ଆପ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ଜୟକୃଷ୍ଣ ଛୁରିଆ, ଯଦୁମଣି ପ୍ରଧାନ ମଞ୍ଚାସୀନ ଥିଲେ।

# ସ୍କୁଲ ପରିଚାଳନା କମିଟିକୁ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍,୧୧।୫**

ବରଗଡ଼ ଓ ଭଟଲି ବ୍ଲକର ବିଦ୍ୟାଳୟ ପରିଚାଳନା କମିଟିଗୁଡ଼ିକୁ ନେଇ ପତଙ୍ଗ ଅନୁଷ୍ଠାନ ପକ୍ଷରୁ ୨ଦିନିଆ ବିଦ୍ୟାଳୟ ପରିଚାଳନା କମିଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଟଲି ବ୍ଲକ ସୁକୁଡ଼ା ପଞ୍ଚାୟତ ଅଫିସରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସୁକୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରୁପାକ୍ଷ ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ଶିକ୍ଷା ଅଧିକାର ଆଇନ-୨୦୦୯, ବିଦ୍ୟାଳୟ ପ୍ରତି ପରିଚାଳନା କମିଟିର ଦାୟିତ୍ୱ, ବିଦ୍ୟାଳୟ ଶିକ୍ଷାର ପରିସ୍ଥିତିକୁ ବିଶ୍ଳେଷଣ, ବିଦ୍ୟାଳୟ ବିକାଶ ଯୋଜନାର ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ପତଙ୍ଗ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

# ଦାବିକୁ ଅଣଦେଖା, ଆନ୍ଦୋଳନ ଡାକରା

**ବରଗଡ଼ ଅଫିସ୍,୧୧।୫**



ମିଳିତ ଅମଲା ମଞ୍ଚ ପକ୍ଷରୁ ବରଗଡ଼ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ମିଳିତ ଅମଲା ମଞ୍ଚର ଦାବି ସମୂହ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମିଳିତ ଅମଲା ମଞ୍ଚ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ ଡାକରା ଦେଇଛି। ଏହି କ୍ରମରେ ବୁଧବାର ବରଗଡ଼ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଯେ, ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ଭିତ୍ତିକ ଦରମା, କନିଷ୍ଠ ଅମଲା ମାନଙ୍କ ଗ୍ରେଡ୍ ପେ ୪୨୦୦ ଟଙ୍କା, ଲେଭଲ-୯ ଦରମା ପ୍ରଦାନ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଏହି ଦାବି ସମୂହ ପୂରଣ ପାଇଁ ଉଦାସୀନ ଅଛନ୍ତି। ସରକାରଙ୍କ ଏଭଳି ଉଦାସୀନତା ପ୍ରତିବାଦରେ ଆସନ୍ତ ୨୨ରୁ ୩୧ତାରିଖ ପର୍ଯ୍ୟନ୍ତ ସରକାରଙ୍କ ସମସ୍ତ ବିଭାଗର ଅମଲାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ୩୧ତାରିଖ ସୁଦ୍ଧା ସରକାର ଦାବି ପୂରଣ ନ କଲେ ଜୁନ ୧ତାରିଖରୁ ଜିଲାର ସମସ୍ତ ବିଭାଗର ଅମଲାମାନେ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଚରମ ପତ୍ର ମଞ୍ଚ ପକ୍ଷରୁ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ପଦାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲାସ୍ତରୀୟ ମିଳିତ ମଞ୍ଚ ଅଧ୍ୟକ୍ଷ ନନ୍ଦ କୁମାର ମିଶ୍ର, ଆବାହକ ବାଳମୁକୁନ୍ଦ ଦୀପ, ଲୋକେଶ୍ୱର ସାହୁ, ରମେଶ ଚନ୍ଦ୍ର ମେହେର, ଜ୍ଞାନପ୍ରକାଶ ସାହୁ, ପ୍ରକାଶ କୁମାର ସାହୁ, ନରେଶ ସାହୁ, ରାମାନନ୍ଦ ଦାଶ, ଉମେଶ ବଡ଼େଇ, ମନୋଜ ମହାପାତ୍ର, ଶିବଶଙ୍କର ଦୋରା, ଭରତ ଚନ୍ଦ୍ର ମେହେର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋ ମାଂସ ଜବତ: ୩ ଗିରଫ

ସୁନ୍ଦରଗଡ,୧୧।୫(ଡି.ଏନ.ଏ.): ସୁନ୍ଦରଗଡ ଟାଉନ ଥାନା ପୋଲିସ ଗୋ ମାଂସ ଜବତ ଘଟଣାରେ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ ଟାଉନ ଥାନା ଲୁହୁରାଡିପାର ପିଙ୍କୁ ଓରାମ, ଛୋଟୁ ଲାକ୍ରା ଓ ଜୟ ଓରାମ। ଅଭିଯୁକ୍ତମାନେ ସୁବଳୟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ ଗୋରୁ ଚୋରି କରିଥିବା ଅଭିଯୋଗ ହୋଇଥିଲା ।

### କୁତ୍ରା ପୋଲିସ ପକ୍ଷରୁ ସରବତ ବଣ୍ଟନ

କୁତ୍ରା,୧୧।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ପକ୍ଷରୁ ବୁଧବାର ଜଳଛତ୍ର ସହିତ ସରବତ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଧିରେ ଧିରେ ବଢିବାରେ ଲାଗୁଥିବା ବେଳେ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଆଜି କୁତ୍ରା ହାଟପାଳି ଥିବାରୁ ପୋଲିସ ତରଫରୁ ଥାନା ସମ୍ମୁଖରେ ପଥଚାରୀଙ୍କ ପାଇଁ ଥଣ୍ଡା ପାନୀୟ ଜଳ ସାଙ୍ଗକୁ ଦହି ସରବତର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ଭିଡ ଜମିଥିଲା । ପୋଲିସର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି । କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ନେତୃତ୍ୱରେ ଏସ୍‌ଆଇ ସଚିନ୍ଦ୍ର କୁମାର ସିଂ, ଏଏସଆଇ ରଞ୍ଜନ ନାଏକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ତେବେ ସରବତ ବଣ୍ଟନ କାର୍ଯ୍ୟକ୍ରମ କୁତ୍ରା ଛକରେ କରିଥିଲେ ଭଲ ହୋଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା ।

### ରେଳ ଡିଭିଜନ ପ୍ରସଙ୍ଗରେ ଡିଆର୍‌ଏମ୍‌ଙ୍କ ମନ୍ତବ୍ୟକୁ ନାପସନ୍ଦ

ରାଉରକେଲା ଅଫିସ,୧୧।୫: ଚକ୍ରଧରପୁର ରେଳ ମଣ୍ଡଳ ମୁଖ୍ୟ ପରିଚାଳକ ଅରୁଣ କାଥୋ ରାଠୋରଙ୍କ ରାଉରକେଲା ରେଳ ଡିଭିଜନ ହେଲେ ରାଉରକେଲାବାସୀଙ୍କ କ୍ଷତି ହେବ ମନ୍ତବ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ରାଉରକେଲା ନାଗରିକ ସୁରକ୍ଷା କମିଟି ଡିଆରଏମଙ୍କ ମନ୍ତବ୍ୟ ରାଉରକେଲାବାସୀଙ୍କ ପ୍ରତି ଉପହାସ ବୋଲି କହିଛି। ସୁରକ୍ଷା କମିଟି ଭାରତୀୟ ରେଳବାଇରେ ରେଳ ଡିଭିଜନ ଘୋଷଣା ସମ୍ପର୍କରେ ମନ୍ତବ୍ୟ ଦେବା ମଣ୍ଡଳ ପରିଚାଳକଙ୍କ କ୍ଷମତା ବାହାରେ ବୋଲି ଦର୍ଶାଇଛି। ରାଉରକେଲା, ସୁନ୍ଦରଗଡ ଏବଂ କେନ୍ଦୁଝର ଜିଲା ଚକ୍ରଧରପୁର ରେଳ ଡିଭିଜନକୁ ପ୍ରାୟ ୮୦ପ୍ରତିଶତ ରାଜସ୍ୱ ପ୍ରଦାନ କରୁଛି। ରାଉରକେଲାରେ ରେଳ ଡିଭିଜନ ହେଲେ ଏଠାକାର ଲୋକଙ୍କର କ୍ଷତି ନୁହେଁ ବରଂ ଲାଭ ହେବ। ରାଉରକେଲାକୁ ଡିଭିଜନ ମାନ୍ୟତା ପ୍ରଦାନ ନ କଲେ ମୁମ୍ବାଇ-ହାଓଡା ରେଳପଥ ଓ ସମସ୍ତ କଞ୍ଚାମାଲ ପରିବହନ ବ୍ୟବସ୍ଥାକୁ ବନ୍ଦ କରି ଦିଆଯିବ ବୋଲି କମିଟି ଚେତାବନୀ ଦେଇଛି। ଏ ସମ୍ପର୍କରେ ରେଳମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ରେଳ ଡିଭିଜନ ଘୋଷଣା କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି କମିଟି ସଦସ୍ୟ ବିଷ୍ଣୁ ମହାନ୍ତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ହରିହର ରାଉତରାୟ, ଅଭୟ ଦାସ, ଭୂପେନ ମହାପାତ୍ର, ପ୍ରମୋଦ ସାମଲ, ସଞ୍ଜୀବ ମହାନ୍ତି ପ୍ରମୁଖ ଏକ ବିବୃତିରେ ପ୍ରକାଶ କରିଛନ୍ତି।

# ହାତ ବାନ୍ଧି ବସିଛନ୍ତି କୋଇଡ଼ା ଟ୍ରାନ୍ସପୋର୍ଟର୍ସ

ଟେନସା,୧୧।୫(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ କୋଇଡା ଅଞ୍ଚଳର ଟ୍ରାନ୍ସପୋର୍ଟର୍ସମାନେ ।

ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ଅଞ୍ଚଳର ଟ୍ରାନ୍ସପୋର୍ଟର୍ସ ମାଲିକମାନେ ହାତ ବାନ୍ଧି ବସିଛନ୍ତି। ବାହାର ଅଞ୍ଚଳର ଟ୍ରାନ୍ସପୋର୍ଟର୍ସମାନେ କୋଇଡା ଖଣି ଅଞ୍ଚଳରେ ଟ୍ରାନ୍ସପୋଟିଂ କରୁଥିଲେ ମଧ ଖଣି ମାଲିକମାନେ କୋଇଡା ଟ୍ରାନ୍ସପୋର୍ଟର୍ସ ମାନଙ୍କୁ ଟ୍ରାନ୍ସପୋଟିଙ୍ଗ କରିବାକୁ ଦେଉନାହାନ୍ତି। ଏନେଇ ଗୁରୁବାର କୋଇଡ଼ା ଟ୍ରାନ୍ସପୋର୍ଟର୍ସ ମାଲିକମାନେ ଏକ ଖବରଦାତା ସମ୍ମିଳନୀ କରି ନିଜର ସମସ୍ୟା ଜଣାଇଛନ୍ତି । କୋଇଡା ଖଣି ଅଞ୍ଚଳବାସୀ ଭାବିଥିଲେ କୋଇଡାକୁ ବଡ଼ ବଡ଼ ଖଣି କମ୍ପାନୀ ଆସିଲେ ଭାଗ୍ୟ ପରିବର୍ତ୍ତନ ହେବ । ତେଣୁ ଖଣି ପାଇଁ ସ୍ଥାନୀୟ ଅଧିବାସୀ ନିଜ ଭିଟାମାଟି କମ୍ପାନୀ ହାତକୁ ଟେକି ଦେଇଥିଲେ। ଖଣି ପାଇଁ ହେଉଥିବା ଜନଶୁଣାଣିରେ ପୂର୍ଣ୍ଣ ସମର୍ଥନ କରିଥିଲେ। ହେଲେ ଖଣି ମାଲିକମାନେ ଖଣି ଖନନ ଓ ଉତ୍ତୋଳନ ପାଇଁ ରାଜ୍ୟ ବାହାରର ଲୋକଙ୍କୁ ନିୟୋଜିତ କଲେ। କୋଇଡାବାସୀଙ୍କୁ କାମ ମିଳିଲା ନାହିଁ କି ଟ୍ରାନ୍ସପୋର୍ଟର୍ସମାନଙ୍କୁ ଟ୍ରାନ୍ସପୋଟିଙ୍ଗ ମିଳିଲା ନାହିଁ। କୋଇଡା ଟ୍ରାନ୍ସପୋର୍ଟର୍ସମାନେ ବର୍ଷ ବର୍ଷ ଧରି କୋଇଡା ଖଣି ଅଞ୍ଚଳରେ ଖଣି, ରେଳ ସାଇଡିଂ, ଲୌହ ପ୍ଲାଣ୍ଟରେ କଞ୍ଚାମାଲ ପରିବହନ କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇବା ସହ ନିୟୋଜିତ କର୍ମଚାରୀଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଜେଏସଡବ୍ଲୁ, ମିତ୍ତଲ, ବେଦାନ୍ତ, ଆଦାନୀ ପରି ବଡ଼ ବଡ଼ ଖଣି କମ୍ପାନୀ ଆସିବା ପରେ ଗତ ତିନି ବର୍ଷ ହେଲା କୋଇଡା ଟ୍ରାନ୍ସପୋର୍ଟର୍ସମାନଙ୍କ ଭାଗ୍ୟ ଅନ୍ଧାର ମଧ୍ୟକୁ ଠେଲି ହୋଇ ଯାଇଛି । ଏହି ବଡ ବଡ ଖଣି କମ୍ପାନୀମାନେ ପ୍ରଶାସନ, ପୋଲିସର ଭୟ ଦେଖାଇ ରାଜ୍ୟ ତଥା ଜିଲା ବାହାର ଟ୍ରାନ୍ସପୋର୍ଟର୍ସ, କର୍ମଚାରୀ ଓ ଗାଡିଗୁଡିକୁ ନିୟୋଜିତ କରି ପରିବହନ କରୁଛନ୍ତି। ସ୍ଥାନୀୟ ଟ୍ରାନ୍ସପୋର୍ଟର୍ସଙ୍କୁ ଖଣି ପରିବହନ କାର୍ଯ୍ୟରୁ ବାହାର କରି ଦିଆଯାଇଛି। ଏହାକୁ ବିରୋଧ କରି କେତେଜଣ ଟ୍ରାନ୍ସପୋର୍ଟର୍ସ ଆନ୍ଦୋଳନ ମଧ କରିଥିଲେ । ହେଲେ ସେମାନଙ୍କୁ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ମିଛ ପ୍ରତିଶ୍ରୁତି ଦେଇ ଦିନ ଗଡାଇ ଚାଲିଲେ। ବଡ ବଡ ଖଣି କମ୍ପାନୀକୁ ଦେଖି ଛୋଟ ଖଣି ବି ସେଇ ପନ୍ଥା ଆପଣାଇଲେ। ଫଳସ୍ୱରୂପ ସ୍ଥାନୀୟ ଗାଡି ମାଲିକ ଗାଡି ଖଣ୍ଡେ ଲୋଡ କରିବା ପାଇଁ ବାରମ୍ବାର ହେବା ସହ କେତେବେଳେ ବଡବିଲ ତ କେତେବେଳେ ଯୋଡା ଯାଇଥାନ୍ତି। ଆଉ ଗାଡି ଭଡା ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି। ବର୍ତ୍ତମାନ ସ୍ଥିତିରେ କୋଇଡା ଟ୍ରାନ୍ସପୋର୍ଟର୍ସମାନେ

#### ଖବରଦାତା ସମ୍ମିଳନୀ କରି ସମସ୍ୟା ଜଣାଇଲେ

ଦେବାଳିଆ ସ୍ଥିତିରେ ପହଞ୍ଚିଲେଣି। ପରିବହନ ପାଇଁ ନେଇଥିବା ବ୍ୟାଙ୍କ ଋଣ, ଗାଡି ଋଣ, କର୍ମଚାରୀ ପାଉଣା ଦେବା ପାଇଁ ମଧ ଅସମର୍ଥ ହୋଇ ପଡିଛନ୍ତି। ଟ୍ରାନ୍ସପୋର୍ଟର୍ସମାନଙ୍କୁ ନିଜ ପରିବାର ଚଳାଇବା ପାଇଁ ଭାବିବାକୁ ପଡୁଛି। ଏଣୁ କୋଇଡା ଖଣି ମାଲିକମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ କୋଇଡ଼ା ଟ୍ରାନ୍ସପୋର୍ଟର୍ସମାନେ ଖବରଦାତା ସମ୍ମିଳନୀ କରି ସମସ୍ତ କଥା ବଖାଣି ଥିଲେ। କୋଇଡା ଟ୍ରାନ୍ସପୋର୍ଟର୍ସ ସଂଘ ପକ୍ଷରୁ ଦେବ ନାରାୟଣ ସାହୁ ,ରାଜେନ୍ଦ୍ର କୁମାର ଜୟସ୍ୱାଲ, ସଂଗ୍ରାମ କିଶୋର ନାଏକ, ଛୋଟରାୟ ନାଏକ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀଙ୍କ ସମେତ ଟ୍ରାନ୍ସପୋର୍ଟର୍ସ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯଦି ପ୍ରଶାସନ ଆମ କଥା ବିଚାର ନ କରନ୍ତି, ତେବେ ଆମେ କୋଇଡା ମାଇନିଙ୍ଗ ସେକ୍ଟର ରେ ଥିବା ସମସ୍ତ ଖଣିରୁ ଲୁହାପଥର ପରିବହନ ବନ୍ଦ କରିବା ସହ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

# ପୁଣି ମାନବିକତା ପ୍ରଦର୍ଶନ କଲା ଟିମ୍ ଶ୍ମଶାନ ବନ୍ଧୁ



ଟିମ୍ ଶ୍ମଶାନ ବନ୍ଧୁ ସଦସ୍ୟ ଓ ରେଳବାଇ ପୋଲିସ ।

ସୁନ୍ଦରଗଡ,୧୧।୫(ଡି.ଏନ.ଏ.)

ପ୍ରଚଣ୍ଡ ଖରା ତାତିକୁ ଖାତିର ନ କରି ପରିଚୟ ମିଳି ନ ଥିବା ଦୁଇ ଜଣ ମୃତକଙ୍କ ମୃତଦେହ ସଂସ୍କାର କରି ପୁଣି ଥରେ ମାନବିକତା ପ୍ରଦର୍ଶନ କରିଛନ୍ତି ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ। ଗତ ୬ ତାରିଖରେ ଗଡପୋଷ ରେଳଷ୍ଟେଶନ ପାଖରେ ଚଳନ୍ତା ଟ୍ରେନରୁ ପ୍ରାୟ ୭୨ ବର୍ଷର ଜଣେ ବୃଦ୍ଧ ପଡିଯାଇ ଆହତ ହୋଇଥିଲେ। ଖବର ପାଇ ଝାରସୁଗୁଡ଼ା ଜିଆରପି ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେହିଦିନ ତାଙ୍କର ପରଲୋକ ଘଟିଥିଲା। ଚିହ୍ନଟ କରିବା ପାଇଁ ନିୟମ ଅନୁଯାୟୀ ୯୬ ଘଣ୍ଟା ମର୍ଗ ହାଉସରେ ମରଶରୀରକୁ ସଂରକ୍ଷିତ ରଖାଯିବା ପରେ କେହି ଦାବିଦାର ନ ଆସିବାରୁ ବ୍ୟବଚ୍ଛେଦ ପରେ ପୋଲିସ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର

#### ଦୁଇ ଅପରିଚିତ ମୃତଦେହ ସଂସ୍କାର କଲେ

ପଣ୍ଡାଙ୍କୁ ତାଙ୍କର ଅନ୍ତିମ ସଂସ୍କାର ସକାଶେ ଅନୁରୋଧ କରିଥିଲେ। ସେହିଭଳି ରାଜଗାଙ୍ଗପୁର ଜିଆରପି ଗତ ୭ ତାରିଖ ଦିନ ପ୍ରାୟ ୪୦ ବର୍ଷ ବୟସ୍କ ଜଣେ ଯୁବକଙ୍କ ମୃତଦେହ ରାଜଗାଙ୍ଗପୁର ରେଳ ଧାରଣା କଡରୁ ଜବତ କରି ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ମୃତ ଯୁବକଙ୍କ କେହି ଦାବିଦାର ନ ଆସିବାରୁ ଝାରସୁଗୁଡ଼ା ଜିଆରପି ମୃତଦେହ ବ୍ୟବଚ୍ଛେଦ ପରେ ଟିମ୍ ଶ୍ମଶାନ ବନ୍ଧୁଙ୍କୁ ଶେଷକୃତ୍ୟ ସକାଶେ ଅନୁରୋଧ କରିଥିଲା। ଉଭୟଙ୍କ ମରଶରୀରକୁ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଚିଣ୍ଟୁ ରକ୍ସା ମହାପ୍ରୟାଣ ଯୋଗେ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟଠାରୁ ସ୍ୱର୍ଗଦ୍ୱାରକୁ ନେଇ ହିନ୍ଦୁ ପରମ୍ପରା ଓ ନୀତିନିୟମ ଅନୁଯାୟୀ ନିଜସ୍ୱ ଉଦ୍ୟମରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ହରଜୈନ୍ଦ୍ରଙ୍କ ପରଲୋକ ସୁନ୍ଦରଗଡ଼ ପାଇଁ ଅପୂରଣୀୟ କ୍ଷତି

ସୁନ୍ଦରଗଡ,୧୧।୫(ଡି.ଏନ.ଏ.)



ଶୋକସଭାରେ ଉପସ୍ଥିତ ନାଗରିକ କମିଟି ସଦସ୍ୟ ।

ଗୁରୁବାର ସୁନ୍ଦରଗଡ ପୂର୍ତ୍ତ ଡାକବଙ୍ଗଳାଠାରେ ନାଗରିକ କମିଟିର ସଭାପତି ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ବିଜେଡିର ରାଜ୍ୟ ପରିଷଦ ସଭ୍ୟ, ଜିଲା ଉପ ସଭାପତି ତଥା ନାଗରିକ କମିଟିର ସଦସ୍ୟ ଥିବା ସ୍ୱର୍ଗତ ହରଜେନ୍ଦ୍ର ସିଂ (ବଣ୍ଟି)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ହରଜୈନ୍ଦ୍ରଙ୍କ ପରଲୋକ ସୁନ୍ଦରଗଡ ପାଇଁ ଏକ ଅପୂରଣୀୟ କ୍ଷତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଜଣେ ନିର୍ବିବାଦୀୟ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ । ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ସେ ରହିଥିଲେ ସୁଦ୍ଧା ଅନ୍ୟ ରାଜନୈତିକ ଦଳର ନେତା ଓ କର୍ମୀମାନଙ୍କ ପାଖରେ ସର୍ବଦା ଗ୍ରହଣୀୟ ଥିଲେ। ସହରର କୌଣସି ସମସ୍ୟା ଦେଖାଦେଲେ ସ୍ୱତଃପ୍ରବୃତ୍ତ ଭାବରେ ସମାଧାନ ସକାଶେ ସେ ଆଗଭର ହୋଇ ସ୍ୱର ଉତ୍ତୋଳନ କରୁଥିଲେ। ଏହାସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସକାଶେ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ସୁନ୍ଦରଗଡ ସହରର ଏକ

#### ଶୋକସଭାରେ ସ୍ମୃତିଚାରଣ

ମାର୍ଗକୁ ହରଜୈନ୍ଦ୍ରଙ୍କ ନାମରେ ନାମିତ କରାଗଲେ ତାଙ୍କ ପ୍ରତି ଉଚିତ୍ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ହେବ । ପୌର ପରିଷଦକୁ ଏହି ପ୍ରସ୍ତାବ ଦିଆଯିବ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ସର୍ବପ୍ରଥମେ ସ୍ୱର୍ଗତ ହରଜୈନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯିବା ସହିତ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ନାଗରିକ କମିଟିର ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ପ୍ରଦିପ ସିଂ, ଟୁନା ସାହୁ, ବିଶ୍ୱରଞ୍ଜନ ହୋତା, କାଳୀପଦ ସାମଲ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଅଜିତ ପ୍ରସାଦ, ପଞ୍ଚା ବାର୍ଲା, ଡାକ୍ତର ନାରାୟଣ ପଟେଲ, ନୀଳମାଧବ ସାହାଣୀ, ଅମିତାଭ ଯୋଶୀ, ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ସଂପାଦକ ଧର୍ମେଶ ପଟେଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସିଂଙ୍କ ସ୍ମୃତିଚାରଣ କରିଥିଲେ।

# କୁଆଁରମୁଣ୍ଡାରେ ବଢୁଛି ନକଲି ଜିନିଷ କାରବାର

କୁଆଁରମୁଣ୍ଡା,୧୧।୫(ଡି.ଏନ.ଏ.)

ରାଉରକେଲା ସହର ନିକଟବର୍ତ୍ତୀ କୁଆଁରମୁଣ୍ଡା ଓ ବୀରମିତ୍ରପୁର ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଖାଇବା ତେଲ ପର୍ଯ୍ୟନ୍ତ ନକଲି କାରବାର ବୃଦ୍ଧି ପାଉଛି । ଗତ କିଛି ମାସ ତଳେ ଏକ ନାମୀ ବ୍ରାଣ୍ଡ ନାଁରେ ନକଲି ଲୁଣ କୁଆଁରମୁଣ୍ଡା ଅଞ୍ଚଳରେ ବିକ୍ରି ହେଉଥିବା ଜାଣି ଉକ୍ତ ଲୁଣ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏହାପରେ ଅସାଧୁ ବ୍ୟବସାୟୀମାନେ କିଛି ଦିନ ନୀରବ ରହି ଯାଇଥିଲେ। ତେବେ ଅସାଧୁ ବ୍ୟବସାୟୀମାନେ ଏକଜୁଟ ହୋଇ ଉକ୍ତ ବ୍ରାଣ୍ଡର ଲୁଣ କାରବାରକୁ ସମ୍ପୂର୍ଣ୍ଣ ଭାବେ କୁଆଁରମୁଣ୍ଡା ଅଞ୍ଚଳରେ ବନ୍ଦ କରିଦେବାରୁ ସାଧାରଣ ଖାଉଟି ଉକ୍ତ ଲୁଣ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଲୁଣ ନୁହେଁ ଏବେ ଗ୍ରୀଷ୍ମଋତୁ ସମୟରେ ବିଭିନ୍ନ ବ୍ରାଣ୍ଡେଡ କମ୍ପାନୀ ନାଁରେ ନକଲି ଥଣ୍ଡା ପାନୀୟ କୁଆଁରମୁଣ୍ଡା,ବୀରମିତ୍ରପୁର ବଜାରରେ ବିକ୍ରି ହେଉଛି। ଏ ନେଇ ଯାଞ୍ଚ କରାଯାଉ ନ ଥିବାରୁ ନକଲି କାରବାର ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ନକଲି ଖାଦ୍ୟ ସାମଗ୍ରୀ ବ୍ୟବହାର କରି ଲୋକେ ନା ନା ରୋଗରେ ପୀଡିତ ହେଉଛନ୍ତି। କୁଆଁରମୁଣ୍ଡାର ମଙ୍ଗଳବାର ବଜାରରେ ପ୍ରତି ସପ୍ତାହରେ ବିକ୍ରି ହେଉଥିବା ଫାଷ୍ଟଫୁଡ, ବିଭିନ୍ନ ଷ୍ଟଲରେ ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ସହ ନକଲି ସସ୍ ବ୍ୟବହାର ହେଉଛି ।ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କରାଯିବାକୁ ସାଧାରଣରେ ଦାବି ହେଉଛି।

# ୧୦ ଦଫା ଦାବି ନେଇ ଜିଲା ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଜିଲା ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସୁନ୍ଦରଗଡ,୧୧।୫(ଡି.ଏନ.ଏ.)

ବିଭିନ୍ନ ପ୍ରକଳ୍ପ ଓ ଖଣି ଖାଦାନ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମ ପଞ୍ଚାୟତର ଗ୍ରାମସଭାକୁ ସର୍ବୋଚ୍ଚ ମାନ୍ୟତା ପ୍ରଦାନ ସହ ୧୦ଦଫା ଦାବି ନେଇ ଗୁରୁବାର ସୁନ୍ଦରଗଡ ଜିଲା ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସରପଞ୍ଚ ସଂଘର ସଭାପତି ଉଗ୍ରସେନ କିଷାନ, ଉପସଭାପତି ଭୁବନ କୁଜୁର, ସମ୍ପାଦକ ତ୍ରିଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଡା.ପରାଗ ଗାଭାଲିଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଜମି ଅଧିଗ୍ରହଣ ନିମନ୍ତେ ଇଡକୋ ହେଉ କିମ୍ବା ଅନ୍ୟ କୌଣସି ସଂସ୍ଥା ହେଉ ଗ୍ରାମ ପଞ୍ଚାୟତର ଗ୍ରାମସଭାକୁ ସର୍ବୋଚ୍ଚ ମାନ୍ୟତା ଦେବା, ଡିଏମଏଫ ପାଣ୍ଠିରୁ ଲଗାଯାଇଥିବା ଷ୍ଟ୍ରିଟ ଲାଇଟର ବିଦ୍ୟୁତ୍ ଦେୟ ଡିଏମଏଫରୁ ଦେବା, ଉନ୍ନୟନ କାର୍ଯ୍ୟ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ପ୍ରତି ଆର୍ଥିକ ବର୍ଷରେ ଡିଏମଏଫ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ ଉଲ୍ଲେଖ ରହିଛି । ଏହାଛଡା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କୁ ଭତ୍ତା ନ ମିଳିବା ପର୍ଯ୍ୟନ୍ତ ଡିଏମଏଫ ପାଣ୍ଠିରୁ ଦିଆଯାଉ, ଜନସାଧାରଣଙ୍କ ସୁବିଧା ପାଇଁ ପ୍ରତ୍ୟେକ ପଞ୍ଚାୟତ ସକାଶେ ଜଣେ ଲେଖାଏ କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି, ସରପଞ୍ଚମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ୫ଟି ଘର ପ୍ରଦାନ ପାଇଁ କ୍ଷମତା ପ୍ରଦାନ, ପ୍ରତି ପଞ୍ଚାୟତରେ ଆବଶ୍ୟକ ସଖ୍ୟକ ନଳକୂପ ଯୋଗାଇ ଦେବା, ସରପଞ୍ଚମାନଙ୍କୁ ମାସିକ ୧୫ହଜାର ଟଙ୍କା ପ୍ରଦାନ, କାର୍ଯ୍ୟକାଳ ସରିବା ପରେ ମାସିକ ପେନସନ ପ୍ରଦାନ ଏବଂ ସରପଞ୍ଚଙ୍କ କାର୍ଯ୍ୟକାଳ ଭିତରେ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।

# ଆରୋ ପ୍ଲାଣ୍ଟ ଅଚଳ: ପାଣି ପାଇଁ ହନ୍ତସନ୍ତ

ଲହୁଣୀପଡା,୧୧।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଛକଠାରେ ଥିବା ଆରୋ ପ୍ଲାଣ୍ଟ ପ୍ରାୟ ଦୁଇ ମାସ ହେବ ଅଚଳ ହୋଇ ପଡିଛି। ଫଳରେ ବିଶୁଦ୍ଧ ପାଣି ମୁନ୍ଦେ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବ୍ଲକ ଛକର ଆରୋ ପ୍ଲାଣ୍ଟ ଚାଲୁଥିବା ବେଳେ ଗାଡି ଚାଳକ, ଖଲାସୀ, ସ୍ଥାନୀୟ ଦୋକାନୀ , ଷ୍ଟେଟବ୍ୟାଙ୍କ, ବ୍ଲକ, ତହସିଲ, ଆଇସିଡିଏସ, କୃଷି କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ବିଇଓ କାର୍ଯ୍ୟାଳୟ , ଡାକ୍ତରଖାନାକୁ ଆସୁଥିବା ଜନସାଧାରଣ ଓ ପଥଚାରୀମାନେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପାଉଥିଲେ । କିନ୍ତୁ ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗରମ ଅନୁଭୂତ ହେଉଥିବା ବେଳେ ପାନୀୟ ଜଳ ଆବଶ୍ୟକତା ମେଣ୍ଟାଉଥିବା ଆରୋ ପ୍ଲାଣ୍ଟ ଅଚଳ ହୋଇ ପଡି ରହିଛି । ଏଥିନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହା ମରାମତି କରିବା ପାଇଁ ଲହୁଣୀପଡା ସରପଞ୍ଚ ବ୍ଲକ କାର୍ଯ୍ୟାଳୟରେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମଙ୍କୁ ପଚାରିବାରେ ସମସ୍ୟା ନେଇ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛି। ଆରୋ ପ୍ଲାଣ୍ଟର ମରାମତି କରୁଥିବା ରାଉରକେଲାର କାର୍ଯ୍ୟାଳୟକୁ ବାରମ୍ବାର ଜଣାଇଲେ ମଧ ସେମାନେ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଛନ୍ତି ବୋଲି ପ୍ରକାଶ କରିଥିଲେ।

# ଏନ୍‌ଓସି ବିନା ଚାଲିଛି ବେସରକାରୀ ସ୍କୁଲ

ରାଉରକେଲା ଅଫିସ,୧୧।୫

ରାଉରକେଲା ଶିକ୍ଷା ଜିଲାରେ ବେସରକାରୀ ସ୍କୁଲ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଉକ୍ତ ସ୍କୁଲ ପରିଚାଳନା ପାଇଁ ସରକାରଙ୍କ ନିର୍ଦ୍ଧାରିତ ୫୧ଟି ମାନଦଣ୍ଡ ରହିଛି। ତେବେ ଏହି ମାନଦଣ୍ଡ ଅଭାବରୁ ଅନେକ ସ୍କୁଲକୁ ଗତ ଦୁଇବର୍ଷ ହେଲା ଏନ୍‌ଓସି ମିଳିନାହିଁ। ଏହାସତ୍ତ୍ୱେ ଉକ୍ତ ସ୍କୁଲଗୁଡିକ କିଭଳି ଚାଲିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଭାଗୀୟ ସୂଚନା ଅନୁସାରେ, ରାଉରକେଲା ଶିକ୍ଷା ବିଭାଗ ଅଧିନ ରାଉରକେଲା ଓ ବିଶ୍ରା ଅଞ୍ଚଳରେ ମୋଟ ୩୧୭ଟି ସ୍କୁଲ ରହିଥିବା ବେଳେ ସେଥିମଧ୍ୟରୁ ୧୨୪ଟି ହେଉଛି ବେସରକାରୀ ସ୍କୁଲ। ୨୦୧୯-୨୦ ଶିକ୍ଷାବର୍ଷରେ ଏହିସବୁ ବେସରକାରୀ ସ୍କୁଲରେ ପ୍ରାୟ ୨୩ ହଜାର ପିଲା ରହିଥିବାବେଳେ ଚଳିତବର୍ଷ ୧୦ହଜାର ବୃଦ୍ଧି ଘଟିଛି। ତେବେ ଏହି ଶିକ୍ଷା ଜିଲାରେ ଥିବା ମୋଟ୍ ବେସରକାରୀ ସ୍କୁଲର ୪୦ପ୍ରତିଶତ ବିନା ଏନ୍‌ଓସିରେ ଚାଲୁଛି। ସରକାରଙ୍କ ମାନଦଣ୍ଡ ପୂରଣ କରୁ ନ ଥିବା ବେସରକାରୀ ସ୍କୁଲ ଗୁଡିକ କିଭଳି ବିନା ଏନ୍‌ଓସିରେ ଚାଲିଛି ସେ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବିଶ୍ରା ସହକାରୀ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଦାସଙ୍କୁ ପଚାରିବାରୁ ରାଉରକେଲା ଏମ୍‌ଆଇଏସ୍ ଏ ନେଇ ସବିଶେଷ ତଥ୍ୟ ରଖିପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ ରାଉରକେଲା ଏମ୍‌ଆଇଏସ୍ ମନୋଜ କୁମାର ଆଚାର୍ଯ୍ୟ କୁହନ୍ତି, ଏନଓସି ନ ଥିବା ବେସରକାରୀ ସ୍କୁଲମାନଙ୍କୁ ୨ବର୍ଷ ହେଲା ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଉଛି। ନୋଟିସ ପାଇ ବାରମ୍ବାର ଏନ୍‌ଓସି ପାଇଁ ସେମାନେ ଆବେଦନ କରୁଛନ୍ତି। ଆଗକୁ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ। ୨୦୨୩ ଶିକ୍ଷା ବର୍ଷରେ ସରକାରୀ ସ୍କୁଲରେ ପିଲା ସଂଖ୍ୟା ୨୫ ପ୍ରତିଶତ ବଢିଛି। ସରକାରୀ ସ୍କୁଲ ପ୍ରତି ପିଲାଙ୍କ ଆଗ୍ରହ ବୃଦ୍ଧି ସକାଶେ ତୃଣମୂଳ ସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଚାର୍ଯ୍ୟ କହିଥିଲେ।

# ଜିଲାପାଳଙ୍କ ବାସଭବନ ଆଗରେ ବିସ୍ଥାପିତ ମହିଳାଙ୍କ ଧାରଣା

ସୁନ୍ଦରଗଡ,୧୧।୫(ଡି.ଏନ.ଏ.)



ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଗରେ ମହିଳାମାନେ ।

ଏନଟିପିସି ଡୁଲଙ୍ଗା କୋଇଲା ଖଣି ଯୋଗୁ ବିସ୍ଥାପିତ ଗ୍ରାମଗୁଡିକର ମହିଳାମାନେ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ନେଇ ଗତ ୩ ବର୍ଷ ହେବ ବାରମ୍ବାର ଦାବି କରି ଆସୁଥିଲେ ମଧ ଏ ଦିଗରେ ପ୍ରଶାସନ ଉଦାସୀନ ରହିଛି । ଏହାର ପ୍ରତିବାଦରେ ବିସ୍ଥାପିତ ମହିଳାମାନେ ଗୁରୁବାର ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ହେମଗିର ବ୍ଲକର ଡୁଲଙ୍ଗା ଓ ଅନ୍ୟାନ୍ୟ ଗ୍ରାମର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ଜିଲାପାଳ ଭିଡିଓ କନଫରେନ୍ସିରେ ଥିବାରୁ ଜିଲାପାଳଙ୍କୁ ଦେଖା ହୋଇ ପାରି ନ ଥିଲା। ୪୨ଡିଗ୍ରୀ ଖରାରେ ଅପେକ୍ଷା କରିଥିବା ମହିଳାମାନେ ପରେ ଜିଲାପାଳଙ୍କ ବାସଭବନକୁ ଯାଇଥିଲେ। ମାତ୍ର ଜିଲାପାଳଙ୍କ ବାସଭବନରେ ଦେଖା ହୋଇ ପାରିବ ନାହିଁ ବୋଲି କୁହାଯିବାରୁ ମହିଳାମାନେ ସେଠାରେ ଧାରଣା ଦେଇଥିଲେ। ଏହାପରେ ସଦର ଉପଜିଲାପାଳ ଦାଶରଥି ସରାବୁ ଘଟଣାସ୍ଥଳକୁ ଆସି ଧାରଣାରତ ମହିଳାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଦୁଇ ଦିନ ମଧ୍ୟରେ ପ୍ରଶାସନ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଧାରଣାରୁ ଓହରିଥିଲେ। ପୂର୍ବରୁ ଏନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ଏପ୍ରିଲ ୨୮ତାରିଖରେ ଖଣି ଅଧିକାରୀ, ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ ଡା. ହିମାଂଶୁ ଷଡ଼ଙ୍ଗୀ ଓ ବିସ୍ଥାପିତ ମହିଳାମାନଙ୍କ ସହ ଆଲୋଚନା ହୋଇଥିଲା। ହେଲେ ୨୨ଦିନ ବିତିଯିବା ପରେ ମଧ କୌଣସି ସୁଫଳ ନ ମିଳିବାରୁ ମହିଳାମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ।

